## ସଂକ୍ଷେପରେ

### ସନ୍ଦେହଜନକ କାର୍ ଜବତ, ୩ ଅଟକ

**ଭଞ୍ଜନଗର,୧୭ା୧(ଡି.ଏନ.ଏ.):** ଭଞ୍ଜନଗର ପୋଲିସ ସନ୍ଦେହଜନକ ଭାବେ ଆସୁଥିବା ଏକ ନୂଆ କାର୍‌କୁ ଜବତ କରିବା ସହ ୩ ଯୁବକଙ୍କୁ ଅଟକ ରଖିଛି। ଉକ୍ତ କାର୍‌ରେ ଗଞ୍ଜେଇ ଚାଲାଣ ହେଉଥିବା ସନ୍ଦେହ କରାଯାଉଛି। ଶୁକ୍ରବାର ସକାଳେ ସନ୍ଦେହଜନକ ଭାବେ ଆସୁଥିବା ଉକ୍ତ କାରକୁ ଭଞ୍ଜନଗର କଲେଜ ନିକଟରେ ଯାଞ୍ଚ ପାଇଁ ପୋଲିସ ଅଟକାଇବାକୁ ଚେଷ୍ଟା କରିଥିଲା। ହେଲେ କାର୍‌ଟି ଦ୍ରୁତ ଗତିରେ ଚାଲି ଯାଇଥିଲା । ପୋଲିସ ପାଟ୍ରୋଲିଂ ଗାଡ଼ି ପିଛା କରିବାରୁ କାର୍‌ଟି ଗାମୁଣ୍ଡି ରାସ୍ତାରେ ଯାଇଥିଲା। ମାତ୍ର ଗାମୁଣ୍ଡି ଠାରେ ରାସ୍ତାରେ ଏକ ଅଟୋ ଅଟକି ଥିବାରୁ କାର୍‌ଟି ଆଗକୁ ଯାଇପାରି ନ ଥିଲା । ସେଠାରେ କାରକୁ ପୋଲିସ ଅଟାଇବା ସହ ସେଥିରେ ଥିବା ୩ ଯୁବକଙ୍କୁ କାବୁ କରି ଥାନାକୁ ନେଇ ଆସିଛି । ପୋଲିସ ଘଟଣାର ଅଧିକ ତଦନ୍ତ ଚଳାଇଛି। ଅଟକ ଯୁବକମାନଙ୍କ ଘର ପଶ୍ଚିମବଙ୍ଗ ଓ କନ୍ଧମାଳ ଜିଲାରେ। ହେଲେ ପୋଲିସ ପକ୍ଷରୁ ଏ ନେଇ କୌଣସି ସୂଚନା ଦିଆଯାଇନାହିଁ ।

### ପୋଲିସ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା

**ଦିଗପହଣ୍ଡି,୧୭ା୧(ଡି.ଏନ.ଏ.):** ଦିଗପହଣ୍ଡି ଥାନା ପକ୍ଷରୁ ଶୁକ୍ରବାର ୩୧ ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ସଚେତନତା ଶୋଭାଯାତ୍ରା ହୋଇଯାଇଛି। ଥାନା ଅଧିକାରୀ ବସନ୍ତ କୁମାର ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ଥାନୀୟ ମେଡିକାଲ ଛକଠାରୁ ବାହାରିଥିବା ଶୋଭାଯାତ୍ରାକୁ ଚିକିଟି ଏସଡିପିଓ ସୁରେନ୍ଦ୍ରନାଥ ମୁର୍ମୁ ପତାକା ଦେଖାଇ ଉଦଘାଟନ କରିଥିଲେ। ଗୋକର୍ଣ୍ଣପୁର ସରପଞ୍ଚ ପ୍ରତିନିଧି ଅସିତ କୁମାର ସାହୁ, ଜିଲା ପରିଷଦ ସଦସ୍ୟ କୃଷ୍ଣଚନ୍ଦ୍ର ସେଠୀ, ସାମାଜିକ କର୍ମୀ ରାମକୃଷ୍ଣ ପାଢ଼ୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଟ୍ରାଫିକ ନିୟମ ମାନିବାଓ ଏ ନେଇ ଅନ୍ୟମାନଙ୍କୁ ସଚେତନ କରିବାକୁ ଛାତ୍ରୀଛାତ୍ରଙ୍କୁ ଥାନା ଅଧିକାରୀ ପରାମର୍ଶ ଦେଇଥିଲେ। ଖେମୁଣ୍ଡି କଲେଜ କ୍ରୀଡା ଅଧାପକ ସୀତାରାମ ମୂର୍ତ୍ତି, ବାଲାଜୀ ଶଙ୍କର ପଣ୍ଡା, ସତ୍ୟନାରାୟଣ ମିଶ୍ର, ଅଧାପିକା ସସ୍ମିତା ସ୍ୱାଇଁ, ମହିଳା କଲେଜ କ୍ରୀଡା ଅଧାପିକା ସବିତା ପଣ୍ଡା, ସୌଦାମିନୀ ବେହେରା, ସୁଜାତା ପାତ୍ର, ଅଧାପକ ଉପେନ୍ଦ୍ର ପ୍ରଧାନ, ହାଇସ୍କୁଲ ଶିକ୍ଷକ କାଳୀଚରଣ ପାଣିଗ୍ରାହୀଙ୍କ ସମେତ ସମସ୍ତ ଥାନା କର୍ମଚାରୀ ଶୋଭାଯାତ୍ରାରେ ସାମିଲ ଥିଲେ ।

### ସୁନୁପୁର ବେଳାଭୂମି ଉନ୍ନତୀକରଣ ଲାଗି ତତ୍ପରତା

**ଚିକିଟି,୧୭ା୧(ଡି.ଏନ.ଏ.):** ଚିକିଟି ବ୍ଲକ୍ ସୁନୁପୁର ବେଳାଭୂମିକୁ ସୌନ୍ଦର୍ଯ୍ୟକରଣ କରିବା ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋର୍‌ଦାର ହୋଇଛି। ଏହି ବେଳାଭୂମିକୁ ରାଜ୍ୟ ତଥା ବିଭିନ୍ନ ଜିଲାରୁ ପର୍ଯ୍ୟଟକମାନଙ୍କ ସୁଅ ଛୁଟିଥାଏ। ତେଣୁ ଏହାର ସୌନ୍ଦର୍ଯ୍ୟକରଣ ଲାଗି ଜିଲା ପ୍ରଶାସନ ତତ୍ପର ହୋଇଛି। ପର୍ଯ୍ୟଟକମାନଙ୍କ ପାଇଁ ଶୌଚାଳୟ, ପ୍ରତୀକ୍ଷାସ୍ଥାନ, ସୋଲାରଲାଇଟ୍ ମାଧମରେ କିପରି ଆଲୋକୀକରଣ କରାଯାଇପାରିବ, ଆଇନ୍ ଶୃଙ୍ଖଳା ଲାଗି ଫାଣ୍ଡି ପ୍ରତିଷ୍ଠା ଓ ବେଳାଭୂମି ଉପକୂଳରେ ଯେପରି କ୍ଷୟ ନ ହୁଏ ଜିଲା ପ୍ରଶାସନ ଏହିସବୁ ଯୋଜନା ଆରମ୍ଭ କରିଛି । ଗୁରୁବାର ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ନେତୃତ୍ୱରେ ଏକ ଟିମ୍ ବେଳାଭୂମି ପରିଦର୍ଶନରେ ଆସିଥିଲେ। ଉକ୍ତ ଟିମ୍‌ରେ ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରୟ ଭାଉସାହେବ, ଚିକିଟି ବିଡିଓ ଫାଲ୍‌ଗୁନି ମାଝି, ଡିଏଫ୍‌ଓ ଅମଲାନ ନାୟକ, ସିଡିପିଓ ମାଧରୀ ପାଢୀ ସାମିଲ ଥିଲେ। ବେଳାଭୁମି ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସୁନୁପୁର ସରପଞ୍ଚ ମଞ୍ଜୁଳା ବେହେରାଙ୍କ ସମେତ ବେଳାଭୂମି କମିଟି, ଏସ୍‌ଏଚ୍‌ଜି ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ। ବେଳାଭୂମିରେ କେଉଁ ସ୍ଥାନରେ କେଉଁ ପ୍ରକଳ୍ପ ତିଆରି କରାଯାଇପାରିବ ଏକ ନକ୍‌ସା ପ୍ରସ୍ତୁତି କରି ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସୂଚନାଯୋଗ୍ୟ, ଗତ କିଛିଦିନ ତଳେ ପ୍ରଶାସନ ବେଳାଭୂମିକୁ ସୁରକ୍ଷା ଦୃଷ୍ଟିରୁ ଚତୁଃପାର୍ଶ୍ୱରେ ଚାରାରୋପଣ କରାଯାଇଥିଲା । ସ୍ଥାନୀୟ ବ୍ଲକ ଓ ତହସିଲ୍ ପ୍ରଶାସନଙ୍କ ପ୍ରଚେଷ୍ଟାରେ ବେଳାଭୂମି ସୌନ୍ଦର୍ଯ୍ୟକରଣ ହୋଇପାରିବ ବୋଲି ଜିଲାପାଳ କହିଥିଲେ।

# ୬୨୩୮ ଡ୍ରାଇଭିଂ ଲାଇସେନ୍ସ ବାତିଲ, ୧୨୪୪ ଇ-ଚାଲାଣ

**ଟ୍ରାଫିକ ନିୟମ ଉଲ୍ଲଂଘନ**

**ଛତ୍ରପୁର,୧୭ା୧(ଡି.ଏନ.ଏ.)**

ଟ୍ରାଫିକ୍ ନିୟମ ଉଲ୍ଲଂଘନ ନେଇ ଗଞ୍ଜାମ ଜିଲାରେ ଗତ ୨ ବର୍ଷ ମଧ୍ୟରେ ୬୨୩୮ ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ଆରଟିଓଙ୍କ ପକ୍ଷରୁ ରଦ୍ଦ କରାଗଲାଣି । ୨୦୧୮ ରେ ୨୮୬୩ ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ହୋଇଛି । ୨୦୧୯ ରେ ୩୩୭୫ ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ହୋଇଥିବା ବେଳେ ଏଥିମଧ୍ୟରୁ ୨୧୩୧ ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରିବା ପାଇଁ ଗଞ୍ଜାମ ଓ ବ୍ରହ୍ମପୁର ପୋଲିସ ଜିଲା ଅଧୀନ ବିଭିନ୍ନ ଥାନା ପକ୍ଷରୁ ଆରଟିଓଙ୍କୁ ପ୍ରସ୍ତାବ ଦିଆଯାଇଥିଲା । ଏହା ଉପରେ ଆରଟିଓଙ୍କ ପକ୍ଷରୁ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ସୂଚନା ଦିଆଯାଇଛି । ସେହିପରି ଟ୍ରାଫିକ୍ ନିୟମ ଉଲ୍ଲଂଘନ ନେଇ ଆରଟିଓଙ୍କ ପକ୍ଷରୁ ୧୨୪୪ ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯାଇଛି । ଆହୁରି ଜଣାଯାଇଛି, ଗଞ୍ଜାମ ଓ ଭଞ୍ଜନଗର ଆରଟିଓଙ୍କ କାର୍ଯ୍ୟାଳୟ ପକ୍ଷରୁ ଟ୍ରାଫିକ୍ ନିୟମ ଉଲ୍ଲଂଘନ ନେଇ ୧୨୪୪ ଇ-ଚାଲାଣ ଉଲ୍ଲଂଘନକାରୀଙ୍କୁ ପଠାଯାଇଛି। ସେଥିମଧ୍ୟରେ ଗଞ୍ଜାମ ଆରଟିଓଙ୍କ ପକ୍ଷରୁ ୧୧୪୦ ଓ ଭଞ୍ଜନଗର ଆରଟିଓଙ୍କ ପକ୍ଷରୁ ୧୦୪ ଇ-ଚାଲାଣ ଇସ୍ୟୁ କରାଯାଇଛି। ହେଲମେଟ୍ ନ ପିନ୍ଧି ଗାଡି ଚଳାଇବା ନେଇ ବର୍ଷକ ମଧ୍ୟରେ ଜିଲାର ୮୫,୯୪୩ ଜଣଙ୍କଠାରୁ ଜରିମାନା ଆଦାୟ ହୋଇଛି। ସେଥିମଧ୍ୟରେ ବିଭିନ୍ନ ଥାନା ପକ୍ଷରୁ ୭୫,୫୯୯ ଜଣଙ୍କଠାରୁ ୧ କୋଟି ୨୨ ଲକ୍ଷ ୧୧ ହଜାର ୩୦୦ ଟଙ୍କା ଜରିମାନା ଆଦାୟ ହୋଇଥିବା ବେଳେ ଆରଟିଓଙ୍କ ପକ୍ଷରୁ ୧୦,୩୪୪ ଜଣଙ୍କଠାରୁ ୫ ଲକ୍ଷ ୧୩ ହଜାର ୪୦୦ ଟଙ୍କା ଜରିମାନା ଆଦାୟ ରହିଛି । ଆହୁରି ଜଣାଯାଇଛି, ଯାଞ୍ଚ ବେଳେ ଗାଡି ବୀମା ପ୍ରମାଣପତ୍ର ନ ଥିବା ନେଇ ୧,୬୬୦ ଜଣଙ୍କଠାରୁ ୩ ଲକ୍ଷ ୭୧ ହଜାର ୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି ।

# ମହାମାୟୀଙ୍କ ଯାତ୍ରା ପ୍ରସ୍ତୁତି ବୈଠକ



ବୈଠକରେ ଆଲୋଚନା ଚାଲିଛି।

**କବିସୂର୍ଯ୍ୟନଗର,୧୭ା୧**

କବିସୂର୍ଯ୍ୟନଗରର ଆରାଧ୍ୟା ମା’ ମହାମାୟୀଙ୍କ ଯାତ୍ରା ଲାଗି ଏକ ପ୍ରସ୍ତୁତି ବୈଠକ ମା’ଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟି ବିଜୟ କୁମାର କଅଁରଙ୍କ ସଭାପତିତ୍ୱରେ ୩ ବାଡ଼ର ଶତାଧିକ ଲୋକ ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରତ୍ୟେକ ବାଡ଼ ତଥା କୁମୁଟି, ଖରୁଡ଼ା ଓ ପାଟସିଲା ବାଡ଼ରୁ ୭ ଜଣ ଲେଖାଏ ଏପରି ମୋଟ ୨୧ ଜଣ ମହାମାୟୀ ଯାତ୍ରା କମିଟିରେ ରହିବେ। ପ୍ରତ୍ୟେକ ବାଡ଼ ପରିଚାଳନା ପାଇଁ ୨୧ ଜଣିଆ କମିଟି ବଛାଯାଇ ଟ୍ରଷ୍ଟିଙ୍କୁ ୧୫ ଦିନ ମଧ୍ୟରେ ତାଲିକା ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି। ଏଥିରେ ବିଭିନ୍ନ ସରକାରୀ ବିଭାଗ କର୍ମଚାରୀ ଓ ମୁଖ୍ୟ ପରିଚାଳକ ଭାବେ ସ୍ଥାନୀୟ ବିଧାୟିକାଙ୍କୁ ଦାୟିତ୍ୱ ଅର୍ପଣ କରାଯିବ। ଯାତ୍ରା ସମୟରେ ଜନସାଧାରଣଙ୍କ ମୌଳିକ ସମସ୍ୟା, ପାନୀୟ ଜଳ, ସ୍ୱାସ୍ଥ୍ୟକେନ୍ଦ୍ରରେ ଡ଼ାକ୍ତର ନିଯୁକ୍ତି, ଟ୍ରାଫିକ ସମସ୍ୟା, ଶୌଚାଳୟ ଓ ପରିଶ୍ରାଗାର ନିରବିଚ୍ଛିନ୍ନ ବିଦ୍ୟୁତ ଯୋଗାଣ,ପରିମଳ ଓ ଟ୍ରାଫିକ୍ ନିୟନ୍ତ୍ରଣ ଉପରେ ପଦକ୍ଷେପ ନେବାକୁ ଆଲୋଚନା ହୋଇଥିଲା। ସମସ୍ତ ମୌଳିକ ସମସ୍ୟା ସୁଧୁରିବା ପରେ ଯାତ୍ରା ତାରିଖ ଘୋଷଣା କରିବାକୁ ଉପସ୍ଥିତ ସହରବାସୀ ମତବ୍ୟକ୍ତ କରିଥିଲେ। ବୈଠକରେ କୁମୁଦ ଚନ୍ଦ୍ର ସାହୁ, ଭଗବାନ ମହାପାତ୍ର, ମୁନ୍ନା ସ୍ୱାଇଁ, ଜଟିଆ ପଳତା, ଭିକାରୀ ସ୍ୱାଇଁ ପ୍ରମୁଖ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଦୁଇ ବାଇକ୍ ମୁହାଁମୁହିଁ, ୫ ଗୁରୁତର

**ପାଟପୁର,୧୭ା୧**

ପାଟପୁର ଥାନା ଅନ୍ତର୍ଗତ ମହାନଳା ବଡ଼ସାହି ଛକ ନିକଟରେ ଶୁକ୍ରବାର ଅପରାହ୍ନରେ ଦୁଇ ବାଇକ ମୁହାଁମୁହିଁ ଧକ୍କା ହେବାରୁ ଜଣେ ନାବାଳକଙ୍କ ସମେତ ୫ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ପାଟପୁର ଥାନା ପୋଡ଼ମାରି ଗ୍ରାମର ସୀମାଞ୍ଚଳ ବାଡ଼ତ୍ୟା, ଦିଗପହଣ୍ଡି ଥାନା ଦୁଡ଼ଙ୍ଗପୁର ଗ୍ରାମର ସୂର୍ଯ୍ୟନାରାୟଣ ବାଡ଼ତ୍ୟା, ରାମହରି ବାଡ଼ତ୍ୟା, କେ.ନୂଆଗାଁ ଥାନା ଢଭାର ଗ୍ରାମର ରବି ସାହୁ ଓ ତାଙ୍କ ନାବାଳକ ପୁଅ ଆଦିତ୍ୟ। ସୂର୍ଯ୍ୟନାରାୟଣ ବାଇକ୍ (ନଂ. ଓଡି୦୭ ଏବି ୮୨୪୭)ରେ ସୀମାଞ୍ଚଳ ଓ ରାମହରିଙ୍କୁ ବସାଇ ପାଟପୁରରୁ ଦୁଡ଼ଙ୍ଗପୁର ଯିବା ବେଳେ ବିପରୀତ ଦିଗରୁ ପୁଅକୁ ନେଇ ଆସୁଥିବା ରବିଙ୍କ ବାଇକ (ନଂ.ଓଡି୦୭ଏବି୯୪୯୦) ସହ ଧକ୍କା ହୋଇଥିଲେ। ସ୍ଥାନୀୟ ଲୋକେ ଆହତ ରବି ଓ ଆଦିତ୍ୟଙ୍କୁ ଆଡ଼ପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଦିଗପହଣ୍ଡି ଦମକଳ ବାହିନୀ ଆହତ ସୀମାଞ୍ଚଳ, ରାମହରି ଓ ସୂର୍ଯ୍ୟନାରାୟଣଙ୍କୁ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ସମସ୍ତ ଆହତଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

# ଟୋଲ୍‌ଗେଟ୍‌ରେ ଡ୍ରାଇଭରଙ୍କୁ ମାଡ଼, ଥାନାରେ ଏତଲା

**ଖଲ୍ଲିକୋଟ,୧୭ା୧(ଡି.ଏନ.ଏ.)**

ଖଲ୍ଲିକୋଟ ବ୍ଲକ ଗୁରାପଲ୍ଲି ନିକଟ ୧୬ ନଂ. ଜାତୀୟ ରାଜପଥରେ ଥିବା ଟୋଲଗେଟରେ ଜଣେ ଟ୍ରକ ଚାଳକଙ୍କୁ ଟୋଲ୍‌ଗେଟ୍ କର୍ମଚାରୀ ମାଡ ମାରିଥିବା ଗୁରୁବାର ଥାନାରେ ଅଭିଯୋଗ ହୋଇଛି। ଏ ନେଇ ନଂ.୨୨/୨୦ରେ ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଛି।ପ୍ରକାଶ ଯେ, ହାଇଦ୍ରାବାଦରୁ କଟକ ଯାଉଥିବା ଚିନି ବୋଝେଇ ଟ୍ରକ (ନଂ.ଆରଜେ୫୦ଜିବି-୧୧୯୭) ଫାସଟ୍ୟାଗ୍ ଥିବାରୁ ଗାଡ଼ି ଗେଟ୍ ପାସ ହେବା ପରେ ଟୋଲଗେଟର କେତେକ କର୍ମଚାରୀ ଓଭରଲୋଡିଂ ମାପ କରିବା ପାଇଁ ଅଟକାଇଥିଲେ। କିନ୍ତୁ ଡ୍ରାଇଭର ରାମସ୍ୱରୂପ ବିଷ୍ଣୋଇ ଠିକ୍ ଥିବା କହି ଗାଡି ଆଗକୁ ନେବାବେଳେ ଟୋଲ କର୍ମଚାରୀ ଏକ ମୁନିଆ ଲୁହାରଡ ଚକା ଆଗକୁ ପକାଇ ଦେଇଥିଲେ। ଲୁହାଟି ଚକାରେ ଗଳି ଲିକ୍ ହୋଇଯାଇଥିଲା। ଏନେଇ ସେ ଥାନାରେ ଏତଲା ଦେବାକୁ ଯିବାବେଳେ ସେଠାରେ ଥିବା ଟୋଲ୍‌ଗେଟ୍ କର୍ମଚାରୀ ରାମସ୍ୱରୂପ ଓ ହେଲପର ଅକ୍ଷୟ କୁମାର ବିଷ୍ଣୋଇଙ୍କୁ ମାଡ଼ ମାରିବା ସହ ମୋବାଇଲ ଛଡ଼ାଇ ଭାଙ୍ଗି ଦେଇଥିଲେ। ଏନେଇ ଡ୍ରାଇଭର ଭେଜିପୁଟ ପାଣ୍ଡିରେ ଅଭିଯୋଗ କରିଥିଲେ। ପରେ ଖଲ୍ଲିକୋଟ ଆସି ଥାନାରେ ଏତଲା ଦେଇଛନ୍ତି। ଏନେଇ ଟୋଲଗେଟ ମ୍ୟାନେଜର ହରିଶ ଶର୍ମାଙ୍କୁ ପଚାରିବାରୁ ସେ କହିଛନ୍ତି, ଚାଳକ ନିଶାସକ୍ତ ଅବସ୍ଥାରେ ଆସି ବାଟରେ ପଡ଼ିଥିବା ଲୁହାରଡ଼ ଉପରେ ଚଢିଯିବାରୁ ଚକା ଫାଟି ଯାଇଥିଲା।

ସୂଚନାଥାଉକି, ଗୁରାପଲି ଟୋଲ ଗେଟରେ ଜୋରଜବରଦସ୍ତ ଟିକସ ଆଦାୟ ନେଇ ବହୁ ସମୟରେ ଅଭିଯୋଗ ହେଉଛି। ଫାଷ୍ଟଟ୍ୟାଗ ହେବା ପରେ ମଧ ଓଭରଲୋଡିଂ ଆଳରେ ଅତିରିକ୍ତ ଟିକସ ଆଦାୟ ହେଉଛି। ପୋଲିସ ଓ ପରିବହନ ବିଭାଗ ଏନେଇ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହେଉଛି।

# ୨ ଟ୍ରକ୍ ଚାଳକ ମୃତ୍ୟୁ ଘଟଣାରେ କଣ୍ଟେନର ଚାଳକ ଗିରଫ

**ଛତ୍ରପୁର,୧୭ା୧(ଡି.ଏନ.ଏ)**

ଛତ୍ରପୁର ଏକାମ୍ରନଗର ନିକଟ ଜାତୀୟ ରାଜପଥରେ କଣ୍ଟେନର୍ ଧକ୍କାରେ ୨ ଜଣ ଟ୍ରକ୍ ଚାଳକଙ୍କର ୧୪ ତାରିଖ ରାତିରେ ମୃତ୍ୟୁ ହୋଇଥିଲା । ଏହି ମାମଲାରେ କଣ୍ଟେନର ଚାଳକ ତଥା ଉତ୍ତରପ୍ରଦେଶର ରବୀନ୍ଦ୍ର ସିଂଙ୍କୁ ଗିରଫ କରି ଛତ୍ରପୁର ପୋଲିସ ପକ୍ଷରୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ପ୍ରକାଶଯେ, ୧୪ ତାରିଖ ରାତିରେ ଏକ ଟ୍ରକ୍ ଖରାପ ହୋଇଯିବାରୁ ଜାତୀୟ ରାଜପଥରେ ଛିଡା ହୋଇଥିଲା । ଆଉ ଗୋଟିଏ ଟ୍ରକ୍ ତା ଆଗରେ ଅଟକିଥିଲା। ଉଭୟ ଚାଳକ ଟ୍ରକ୍ ସହ ଆଉ ଏକ ଟ୍ରକ୍‌କୁ ଚେନ୍ ଲଗାଇ ଗ୍ୟାରେଜ୍ ନେବାକୁ କାମ କରୁଥିଲେ। ଏକ କଣ୍ଟେନର ଟ୍ରକ୍ ପଛପଟୁ ଧକ୍କା ଦେଇଥିଲା। ଫଳରେ ଚାପି ହୋଇ ୨ ଟ୍ରକ୍ ଚାଳକ ତଥା ପଶ୍ଚିମବଙ୍ଗ ବର୍ଦ୍ଧମାନ ଅଞ୍ଚଳର କେ. ଫୁଦ୍ଦିନ୍ ଅହମ୍ମଦ ଓ ଏସ୍.କେ. ମୋନିରଦ୍ଦ ହକ୍‌ଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଏନେଇ ଛତ୍ରପୁର ଥାନା ପୋଲିସ ପକ୍ଷରୁ ଏକ ମାମଲା (ନଂ ୧୨/୨୦) ରୁଜୁ କରିଥିଲେ।

# ନୂତନ ବିଡିଓଙ୍କ ଯୋଗଦାନ

**ବେଗୁନିଆପଡ଼ା,୧୭ା୧(ଡି.ଏନ.ଏ.)**

ବେଗୁନିଆପଡ଼ା ବ୍ଲକରେ ନୂତନ ବିଡିଓ ଭାବେ ବେଦବର ପ୍ରଧାନ ଶୁକ୍ରବାର ଯୋଗ ଦେଇଛନ୍ତି। ତାଙ୍କୁ ଭାରପ୍ରାପ୍ତ ବିଡିଓ ପ୍ରଦୀପ କୁମାର ପଣ୍ଡା, ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ବିଜୟ କୁମାର ଦୋରା ପ୍ରମୁଖ ସ୍ୱାଗତ କରିଥିଲେ। ବ୍ଲକରେ ଶିକ୍ଷା, ନାରୀ ଶିକ୍ଷା, ପାନୀୟ ଜଳ ଆଦି କାର୍ଯ୍ୟକୁ ଗୁରୁତ୍ୱ ଦେବେ ବୋଲି ବିଡିଓ କହିଛନ୍ତି।

# ୭୮ ଏସ୍‌ଏଚ୍‌ଜିକୁ ଋଣ ପ୍ରଦାନ




ମଞ୍ଚାସୀନ ଅତିଥିବୃନ୍ଦ।

**ଗୋପାଳପୁର,୧୭ା୧, କନିଷି,(ଡି.ଏନ.ଏ.)**

ରଙ୍ଗେଇଲୁଣ୍ଡା ବ୍ଲକ ପରିସରରେ ଶୁକ୍ରବାର ବ୍ଲକସ୍ତରୀୟ ମେଗା ସମନ୍ୱୟ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋପାଳପୁର ବିଧାୟକ ଡ଼. ପ୍ରଦୀପ କୁମାର ପାଣିଗ୍ରାହୀ ମୁଖ୍ୟଅତିଥି, ବ୍ଲକ ଅଧକ୍ଷା ସିଏଚ୍ ଉଷାରାଣୀ, ଉପାଧକ୍ଷ ଅଜିତ କୁମାର ଦାଶ, ବିଡିଓ କୁମାର ନାଗଭୂଷଣ, ରଙ୍ଗେଇଲୁଣ୍ଡା ସିଡିପିଓ ଜ୍ୟୋତ୍ସ୍ନା ପାଢ଼ୀ, ଶଶିଭୂଷଣ ମହାନ୍ତି ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ବିପିଏମ୍ ଅଜୟ କୁମାର ଦାଶ ସଭାପତିତ୍ୱ କରିଥିଲେ। ମହିଳାଙ୍କ ଉନ୍ନତି ନିମନ୍ତେ ରାଜ୍ୟ ସରକାର ବହୁ ଯୋଜନା ପ୍ରଣୟନ କରିବା ସହ ସେମାନେ ଯେଭଳି ସ୍ୱାବଲମ୍ବୀ ହୋଇପାରିବେ ସେଥିପାଇଁ ଅଧିକ ଗୁରୁତ୍ୱ ଦିଆଯାଉଛି ବୋଲି ମୁଖ୍ୟ ଅତିଥି କହିଥିଲେ। ଏହି ଅବସରରେ ୭୮ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି)କୁ ୧ କୋଟି ୭୮ ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଇଥିଲା। ଏଥିସହ କେତେକ ଏସଏଚଜିକୁ ମିଶନ ଶକ୍ତି ଦ୍ୱାରା ବ୍ୟାଙ୍କ ଋଣ ପ୍ରଦାନ କରାଯାଇଥିଲା। ସେହିପରି ୯ଟି ପଞ୍ଚାୟତର ମହାସଂଘ ଗୋଷ୍ଠୀ ପରିଚାଳନା ପାଣ୍ଠିରୁ ୧୬୦ଟି ଗ୍ରୁପକୁ ୮୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା।

# ଏସ୍‌ସିଓଙ୍କ ହସ୍ତକ୍ଷେପ, ଦିବ୍ୟାଙ୍ଗ ପାଇବେ ଚାଉଳ

**ଆଧାରକାର୍ଡ ନ ଥିବାରୁ ଉଦୟ ସହାୟତା ନ ପାଇବା ପ୍ରସଙ୍ଗ**

**ଧରିତ୍ରୀ ପ୍ରଭାବ**

**ଭଞ୍ଜନଗର,୧୭ା୧(ଡି.ଏନ.ଏ)**

କେତେଜଣ ତଳିଆ କର୍ମଚାରୀଙ୍କ ମନମୁଖି କାର୍ଯ୍ୟ ଯୋଗୁ ସରକାରଙ୍କ ଅନେକ ଯୋଜନା ପ୍ରକୃତ ସ୍ଥାନରେ ପହଞ୍ଚି ପାରୁନାହିଁ। ଏଭଳି ଏକ ଘଟଣା ଭଞ୍ଜନଗର ବ୍ଲକ ଲାଲସିଂ ପଞ୍ଚାୟତରେ ଦେଖିବାକୁ ମିଳିଥିଲା। ଉକ୍ତ ପଞ୍ଚାୟତର ଦିବ୍ୟାଙ୍ଗ ଉଦୟ ନାୟକଙ୍କ ଆଧାର କାର୍ଡ ନ ଥିବା ଯୋଗୁ ତାଙ୍କୁ ୩ ମାସ ହେବ ଚାଉଳ ଦିଆଯାଉ ନ ଥିଲା। ବହୁବାର ସେ ଚାଉଳ ବଣ୍ଟନ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ଭେଟି ଆଧାର କାର୍ଡ଼ ହୋଇପାରୁ ନ ଥିବାର କାରଣ ଜଣାଇ ଚାଉଳ ଦେବାକୁ ନିବେଦନ କରିଥିଲେ । ହେଲେ ତାଙ୍କ କଥା କେହି ଶୁଣି ନ ଥିଲେ । ଏ ନେଇ ଧରିତ୍ରୀରେ ‘ଦିବ୍ୟାଙ୍ଗଙ୍କ ଆଧାର ନମ୍ବର ନାହିଁ, ଚାଉଳ ମନା’ ଶୀର୍ଷକ ଏକ ଖବର ପ୍ରକାଶ ହୋଇଥିଲା। ଏହାପରେ ଉପଖଣ୍ଡ ଯୋଗାଣ ବିଭାଗ ଅଧିକାରୀ ଲିଙ୍ଗରାଜ ବେହେରା ଘଟଣାର ତଦନ୍ତ କରିବା ପରେ ଉଦୟ କିଭଳି ଚାଉଳ ପାଇପାରିବେ ସେ ନେଇ ବ୍ୟବସ୍ଥା କରିଛନ୍ତି। ଆଗାମୀ ୫ ରୁ ୧୦ ତାରିଖ ମଧ୍ୟରେ ଉଦୟଙ୍କୁ ଚାଉଳ ପ୍ରଦାନ କରିବା ବ୍ୟବସ୍ଥା କରାଯାଉଛି ବୋଲି ବେହେରା ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ବର୍ତ୍ତମାନ ପ୍ରତ୍ୟେକ ଯୋଜନାରେ ହିତାଧିକାରୀ ଆଧାର କାର୍ଡ଼ ଦେବାପାଇଁ ବାଧ୍ୟତାମୂଳକ କରାଯାଇଛି। ଉଦୟଙ୍କ ଫିଙ୍ଗର ପ୍ରିଣ୍ଟ କମ୍ପ୍ୟୁଟରରେ ନିଆଯାଇପାରୁନି। ତାଙ୍କର ଆଧାରକାର୍ଡ ହୋଇ ପାରୁ ନ ଥିବାରୁ ପଞ୍ଚାୟତ କର୍ତ୍ତୃପକ୍ଷ ଉଦୟଙ୍କ ଚାଉଳ ବନ୍ଦ କରି ଦେଇଥିଲେ ।

# ରଙ୍ଗେଇଲୁଣ୍ଡା ପଞ୍ଚାୟତ ସମିତିର ସାଧାରଣ ଅଧିବେଶନ

**ଗୋପାଳପୁର/କନିଷି, ୧୭ା୧(ଡି.ଏନ.ଏ.)**

ରଙ୍ଗେଇଲୁଣ୍ଡା ପଞ୍ଚାୟତ ସମିତିର ୭ମ ସାଧାରଣ ଅଧିବେଶନ ଶୁକ୍ରବାର ବ୍ଲକ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଗୋପାଳପୁର ବିଧାୟକ ଡ଼. ପ୍ରଦୀପ କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ବିଡିଓ କୁମାର ନାଗଭୂଷଣ, ବ୍ଲକ ଅଧକ୍ଷା ସିଏଚ୍ ଉଷାରାଣୀ, ଉପାଧକ୍ଷ ଅଜିତ ଦାଶ, ଜିଲା ପରିଷଦ ସଭ୍ୟ ଶଶିଭୂଷଣ ମହାନ୍ତି, ବିନୋଦ ମିଶ୍ର, ଏବିଡିଓ ତ୍ରିପତି ବାଲାଜୀ ସାମନ୍ତରାୟ, ଜିପିଓ ପ୍ରତାପ ଚନ୍ଦ୍ର ପଟ୍ଟନାୟକ ମଞ୍ଚାସୀନ ଥିଲେ। ସମସ୍ତେ ଏକ ହୋଇ ବ୍ଲକର ଉନ୍ନୟନମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା, ଲୋକଙ୍କ ପ୍ରିୟପାତ୍ର ହେବା, ଗୋପାଳପୁର ନିର୍ବାଚନ ମଣ୍ଡଳୀରେ ସମସ୍ତ ବିବାହ ଯୌତୁକମୁକ୍ତ କରିବାକୁ ବିଧାୟକ ଆହ୍ୱାନ ଦେଇଥିଲେ। ଆସନ୍ତା ଦିନରେ ହେବାକୁ ଥିବା ସଭା କାର୍ଯ୍ୟ ପୂର୍ବରୁ ଜାତୀୟ ସଂଗୀତ ଗାନ କରିବାକୁ ଜଳ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ସମୀର ପଟ୍ଟନାୟକ ପ୍ରସ୍ତାବ ଦେଇଥିଲେ। ଏହା ସର୍ବସମ୍ମତିରେ ପାରିତ ହୋଇଥିଲା। ଏହି ଅବସରରେ ବିଭିନ୍ନ ବୈଠକରେ ସହକାରୀ କୃଷି ଅଧିକାରୀଙ୍କ ସମେତ ଅନ୍ୟ କେତେକ ବିଭାଗର ଅନୁପସ୍ଥିତ ଥିବାରୁ ଉଦବେଗ ପ୍ରକାଶ ପାଇଥିଲା।

# ଶ୍ରୀ ଅରବିନ୍ଦ ପାଠଚକ୍ରର ବାର୍ଷିକ ଉତ୍ସବ



ବିଧାୟିକାଙ୍କ ବକ୍ତବ୍ୟ ପ୍ରଦାନ।

**ବେଗୁନିଆପଡ଼ା,୧୭ା୧(ଡି.ଏନ.ଏ.)**

ବେଗୁନିଆପଡ଼ା ବ୍ଲକ ମୁଣ୍ଡୁଳା ଶ୍ରୀ ଅରବିନ୍ଦ ପାଠଚକ୍ରର ୩୧ ତମ ଓ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୧୩ ତମ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଆସ୍ପୃହା ମଣ୍ଡଳ, ପାଠଚକ୍ର ଆବାହକ ଭାଗୀରଥୀ ମହାପାତ୍ର, ସମ୍ମାନିତ ଅତିଥି ଭାବେ ବେଗୁନିଆପଡ଼ା ବ୍ଲକ ଅଧକ୍ଷା ପ୍ରତିନିଧି ବିଜୟ କୁମାର ଦୋରା, ଜିଲା ପରିଷଦ ପ୍ରତିନିଧି ତ୍ରିନାଥ ଭୂୟାଁ, ସରପଞ୍ଚ ମଧୁସୂଦନ ସାହୁ, ସମିତିସଭ୍ୟ ସୁବଳ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟ ପରିଚାଳକ ସୁରେନ୍ଦ୍ର ନାଥ ପ୍ରଧାନ ବିବରଣୀ ପାଠ କରିଥିବା ବେଳେ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ଏଥି ସହିତ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସକାଳେ ସମବେତ ଧ୍ୟାନ, ମାର୍ଚ୍ଚପାଷ୍ଟ, ଅପରାହ୍ନରେ ଶାରୀରିକ କ୍ରୀଡ଼ା କୌଶଳ, ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ବୋଲେରୋ ଧକ୍କାରେ ୭ ବର୍ଷୀୟ ଝିଅ ଗୁରୁତର

**ଶଙ୍କରାଖୋଲ,୧୭ା୧(ଡି.ଏନ.ଏ.)**

ସଦର ଥାନା ଗୁମାଗଡ ଡାକ୍ତରଖାନା ଛକଠାରେ ଶୁକ୍ରବାର ମଧ୍ୟାହ୍ନରେ ଏକ ବୋଲେରୋ ଧକ୍କାରେ ଜଣେ ୭ବର୍ଷୀୟ ଝିଅ ଗୁରୁତର ହୋଇଛନ୍ତି। ସେ ହେଲେ ସଦର ଥାନା ମିଣିଆ ଗ୍ରାମର ଦିଲ୍ଲୀପ ଦିଗାଲଙ୍କ ଝିଅ ଅବନ୍ତୀ। ଏ ନେଇ ନଂ. ୪/୨୦ରେ ମାମଲା ରୁଜୁ ହୋଇଛି। ଗାଡ଼ିଟି ଫୁଲବାଣୀ ପଟରୁ ଆସୁଥିବା ବେଳେ ରାସ୍ତା ପାରି ହେଉଥିବା ଅବନ୍ତୀଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଗୁମାଗଡ଼ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଫୁଲବାଣୀ ମୁଖ୍ୟ ଡାକ୍ତରଖାନାକୁ ପଠାଯାଇଥିଲା। ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସଦର ଥାନା ଅଧିକାରୀ ଆଦିତ୍ୟ ସେଠୀ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିକୁ ଜବତ କରିବା ସହ ଚାଳକଙ୍କୁ ଅଟକ ରଖିଛନ୍ତି।

# ଛାତ୍ରୀଛାତ୍ର ସଚେତନ ହେଲେ ଦୁର୍ଘଟଣା କମିବ

**ଭଞ୍ଜନଗର,୧୭ା୧(ଡି.ଏନ.ଏ)**




ସଚେତନତା ରାଲି।

ସଡ଼କ ସୁରକ୍ଷା ସପ୍ତାହ ଶୁକ୍ରବାର ଉଦ୍‌ଯାପିତ ହୋଇଛି । ଭଞ୍ଜନଗର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ସପ୍ତାହ ବ୍ୟାପୀ ବିଭିନ୍ନ ସ୍ଥାନରେ ସଚେତନତା ସଭା, ରାଲି ହୋଇଥିଲା। ଶୁକ୍ରବାର ଆମ ପୋଲିସ ସମିତି ପକ୍ଷରୁ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜରେ ମଧ ସଚେତନତା ସଭା ହୋଇଥିଲା। ଏଥିରେ ଏସ୍‌ଡ଼ିପିଓ ଶୁଭ୍ରାଂଶୁ ମିଶ୍ର ଅଧକ୍ଷତା କରିଥିଲେ । କଲେଜ ଅଧକ୍ଷ ଡ.ନୀଳାଞ୍ଚଳ ମୁନି, ଅବସରପ୍ରାପ୍ତ କଲେଜ ଅଧକ୍ଷ ଡ. ପୂର୍ଣ୍ଣ ଚନ୍ଦ୍ର ତ୍ରିପାଠୀ, କୃତୀବାସ ବିଶ୍ୱାଳ, ଟ୍ରାଫିକ୍ ଏସ୍‌ଆଇ ଯଶୱନ୍ତ ଚିନାରା, ଥାନା ଅଧିକାରୀ ସୁଦୀପ୍ତ ସାହୁ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନେ ନୂଆ ମୋଟରଯାନ ଆଇନ ସମ୍ପର୍କରେ ସଚେତନ ହୋଇ ଅନ୍ୟମାନଙ୍କୁ ସଚେତନ କରାଇ ପାରିଲେ ସଡ଼କ ଦୁର୍ଘଟଣା ହାର କମିପାରିବ ବୋଲି କହିଥିଲେ। ଅନୁପମ ବାନାର୍ଜୀ ସଭା ସଂଯୋଜନା କରିଥିବା ବେଳେ ଅଧାପକ ବିନୋଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଯୁବ ରେଡ଼କ୍ରସ ଅଧିକାରୀ ବଦ୍ରି ନାରାୟଣ ପାତ୍ର, ଅଧାପକ ପିତବାସ ପାଳ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ଧରିତ୍ରୀ DHARITRI
ବ୍ରହ୍ମପୁର, ଶନିବାର, ୧୮ ଜାନୁୟାରୀ, ୨୦୨୦



## ସଂକ୍ଷେପରେ

### ନୂତନ ଉପଜିଲାପାଳଙ୍କ ଦାୟିତ୍ୱ ଗ୍ରହଣ



ବାଲିଗୁଡା, ୧୭।୧.(ଡି.ଏନ.ଏ.)- ବାଲିଗୁଡ଼ାରେ ନୂତନ ଉପଜିଲାପାଳ ଭାବେ ଦେବେନ୍ଦ୍ର କୁମାର ନନ୍ଦ (ଓଏଏସ) ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପୂର୍ବରୁ ସମ୍ବଲପୁର ମ୍ୟୁନିସିପାଲିଟିରେ ଡେପୁଟି କମିଶନର ଭାବେ ଦାୟିତ୍ୱ ତୁଲାଇ ଆସୁଥିଲେ। ଦୀର୍ଘଦିନ ହେଲା ବାଲିଗୁଡ଼ା ଉପଖଣ୍ଡରେ ଖାଲିପଡ଼ିଥିବା ଉପଜିଲାପାଳଙ୍କ ପଦବୀରେ ଦେବେନ୍ଦ୍ର ଯୋଗଦେଇଛନ୍ତି। ଏଠାରେ ସମସ୍ତ ପ୍ରକାର ସାମୁହିକ କାର୍ଯ୍ୟକ୍ରମ ମିଳିମିଶି କରିବେ ବୋଲି ନନ୍ଦ ନିଜ ବକ୍ତବ୍ୟରେ ପ୍ରକାଶ କରିଛନ୍ତି।

# ମୋ ସରକାର କାର୍ଯ୍ୟକ୍ରମର ତଦାରଖ

**ଫୁଲବାଣୀ ଅଫିସ, ୧୭।୧**

କନ୍ଧମାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ମୋ ସରକାର କାର୍ଯ୍ୟକ୍ରମ କିପରି ଚାଲିଛି ତା'ର ତଦାରଖ କରିଛନ୍ତି ସଚିବସ୍ତରୀୟ ଏକ ଟିମ୍ । ଶୁକ୍ରବାର ବିଭାଗୀୟ ଉପ ସଚିବ ଡା. ଯଶ୍ୱିନ ପଟ୍ଟନାୟକ ଏବଂ ଯୁଗ୍ମ ନିର୍ଦ୍ଦେଶକ ଡା. ଆର. ଶତପଥୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ସରକାରଙ୍କ ଦ୍ୱାରା ଚାଲିଥିବା ବିଭିନ୍ନ ଯୋଜନାର ରୂପରେଖ ଉପରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଏବଂ ଅନ୍ୟ ଅଧିକାରୀଙ୍କ ପାଖରୁ ଅବଗତ ହୋଇଥିଲେ। ଏହାପରେ ସମସ୍ତ ବିଭାଗ ପରିଦର୍ଶନ କରିଥିଲେ । ପ୍ରଥମେ ରୋଗୀ ସେବା କିପରି ଚାଲିଛି, ଔଷଧ ସେମାନେ ମେଡିକାଲରୁ ମାଗଣାରେ ନେଉଛନ୍ତି କି ନାହିଁ, ଡାକ୍ତର କିମ୍ବା ଅନ୍ୟ କର୍ମଚାରୀ ସେମାନଙ୍କୁ ଭଲ ବ୍ୟବହାର ଦେଖାଉଛନ୍ତି କି ନାହିଁ ସେ ଉପରେ ପଚାରି ବୁଝିଥିଲେ। ରୋଗୀଙ୍କ ଖଟିଆରେ ପ୍ରତ୍ୟେକ ଦିନ ବେଡଶିଟ ବଦଳା ଯାଉଥିବା



ସଚିବ ନିର୍ଦ୍ଦେଶକଙ୍କ ସହ ମେଡିକାଲ କର୍ମଚାରୀ ।

ଜାଣି ଖୁସି ବ୍ୟକ୍ତ କରିଥିଲେ । ଏଥିସହ ମେଡିକାଲରେ ରୋଗୀ ଏବଂ ସମ୍ପର୍କୀୟଙ୍କ ପାଇଁ ପଡିଥିବା ଚେୟାର, ବେଡ ଅଭାବରୁ ତଳେ ପଡିଥିବା ମ୍ୟାଟ୍ରେସ, ଫିଜିଓଥେରାପି ସେଣ୍ଟର ଦେଖି ଆନନ୍ଦିତ ହୋଇଥିଲେ। ପ୍ରତ୍ୟେକ ୱାର୍ଡ ସମ୍ମୁଖରେ ଅଧିକ ଚେୟାର ପକାଇବାକୁ ପରାମର୍ଶ ଦେଇଥିଲେ । ଏହା ହେଲେ ଗହଳିକୁ

**ଜିଲା ମୁଖ୍ୟ ଚିକିତ୍ସାଳୟ**

ଏଡାଇ ଦିଆଯାଇ ପାରିବ ବୋଲି ମେଡିକାଲ ଅଧିକାରୀମାନଙ୍କୁ କହିଥିଲେ । କୌଣସି ରୋଗୀଙ୍କ ପାଖରେ ବାହାର ମେଡିସିନ ପାଇ ନ ଥିବାରୁ କାର୍ଯ୍ୟକ୍ରମ ଠିକ୍ ଚାଲିଥିବା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ରାଜଶ୍ରୀ ପଟ୍ଟନାୟକ, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ(ମେଡିକାଲ) ସିଏଚ୍. ରବିନାରାୟଣ ସୁବୁଦ୍ଧି, ଜିଲା ପ୍ରୋଗ୍ରାମ ମ୍ୟାନେଜର ମନୋରଞ୍ଜନ ସାହୁ, ଜିଲା ପ୍ରଜନନ ଓ ଶିଶୁ ଅଧିକାରୀ ଆଶିଷ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ପରୀକ୍ଷା ଫଳକୁ ନେଇ ମହିଳା କଲେଜରେ ଉତ୍ତେଜନା



କଲେଜ ଗେଟ ସମ୍ମୁଖରେ ଛାତ୍ରୀମାନେ ।

**ଫୁଲବାଣୀ ଅଫିସ, ୧୭।୧**

ସଞ୍ଜୟ ସ୍ମୃତି ସରକାରୀ ମହିଳା ମହାବିଦ୍ୟାଳୟରେ ଯୁକ୍ତ ୩ ହୋମ ସାଇନ୍ସ ବିଭାଗ ପ୍ରଥମ ସେମିଷ୍ଟାର ପରୀକ୍ଷା ଫଳକୁ ନେଇ ଶୁକ୍ରବାର ଚାପା ଉତ୍ତେଜନା ପ୍ରକାଶ ପାଇଛି। ଖାତା ମୂଲ୍ୟାୟନରେ ତ୍ରୁଟି ଦର୍ଶାଇ ହୋମ ସାଇନ୍ସର ଛାତ୍ରୀମାନେ କଲେଜ ଗେଟରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ତ୍ରୁଟିପୂର୍ଣ୍ଣ ମୂଲ୍ୟାଙ୍କନ ଯୋଗୁ ମୋଟ ୫୧ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୪୭ ଜଣଙ୍କ ବ୍ୟାକ୍ ଲାଗିଛି। ପୁନଃ ଖାତା ମୂଲ୍ୟାଙ୍କନ ପାଇଁ ଛାତ୍ରୀମାନେ ଲିଖିତ ଦାବି କରିଥିଲେ ମଧ୍ୟ ଅଧ୍ୟକ୍ଷ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ କରି ଛାତ୍ରୀମାନେ ହେହଲ୍ଲା କରିବା ସହ କଲେଜ ଗେଟରେ ତାଲା ପକାଇଥିଲେ। ଫଳରେ ଅନ୍ୟ ପିଲାମାନେ ଭିତରକୁ ପ୍ରବେଶ କରି ପାରି ନ ଥିଲେ। ଟାଉନ ଥାନା ପୋଲିସ ଘଟଣା ସ୍ଥଳକୁ ଯାଇ ଛାତ୍ରୀମାନଙ୍କୁ ବୁଝାଶୁଝା କରିଥିଲା । କଲେଜ କର୍ତ୍ତୃପକ୍ଷ ୫ ଦିନ ମଧ୍ୟରେ ପରୀକ୍ଷା ଖାତା ପୁନଃ ମୂଲ୍ୟାଙ୍କନ ପାଇଁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ଏ ନେଇ କଲେଜ ଅଧ୍ୟକ୍ଷ ବାବାଜୀ ଚରଣ ବେହେରା, ପରୀକ୍ଷା ଫଳ ନେଇ ବିଶ୍ୱ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଚିଠି କରିବା ସହ ଫୋନରେ ଜଣାଇଥିବା କହିଛନ୍ତି।

### ଅସହାୟଙ୍କୁ କମ୍ବଳ ବଣ୍ଟନ



ଫିରିଙ୍ଗିଆ, ୧୭।୧- ଫିରିଙ୍ଗିଆ ସହରରେ ଅସହାୟ ଅବସ୍ଥାରେ ବିଭିନ୍ନ ସ୍ଥାନରେ ରାତ୍ରିଯାପନ କରୁଥିବା ୫୦ ବୃଦ୍ଧାବୃଦ୍ଧଙ୍କୁ ସ୍ଥାନୀୟ ଅଞ୍ଚଳର ଜଣାଶୁଣା ସାମାଜିକ କର୍ମୀ ଚନ୍ଦ୍ରମୋହନ ନାଏକ କମ୍ବଳ ବଣ୍ଟନ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି। ଏହି କାମରେ ତାଙ୍କୁ ସହଯୋଗ କରି ଆସୁଛନ୍ତି ତାଙ୍କ ସ୍ତ୍ରୀ ବବିତା । ଚନ୍ଦ୍ରମୋହନଙ୍କ ଏଭଳି ମହତ କାର୍ଯ୍ୟ ପାଇଁ ଫିରିଙ୍ଗିଆର ଜନସାଧାରଣଙ୍କଠାରୁ ଆରମ୍ଭ କରି ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ସଦସ୍ୟ ଏବଂ ବିଡିଓ ରଶ୍ମି ରଞ୍ଜନ ମହନ୍ତ ପ୍ରଶଂସା କରିଛନ୍ତି। ସ୍ଥାନୀୟ ଯୁବକ ପାପା ମହାପାତ୍ର ଓ ବେଣୁଧର ମୁଖିଙ୍କ ସହ ମିଶି ଗରୀବ ଅସହାୟଙ୍କୁ ଚନ୍ଦ୍ରମୋହନ କମ୍ବଳ ବାଣ୍ଟିଥିଲେ। ସେବା କଲେ ଶାନ୍ତି ମିଳେ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହଛନ୍ତି।

### କାଟିଙ୍ଗିଆରେ ଆଧାତ୍ମିକ ନବୀକରଣ ଧ୍ୟାନ

ଦାରିଙ୍ଗବାଡ଼ି/ବ୍ରାହ୍ମଣୀଗାଁ,୧୭।୧(ଡି.ଏନ .ଏ)- ଦାରିଙ୍ଗବାଡ଼ି ବ୍ଲକ କାଟିଙ୍ଗିଆ ଦିବ୍ୟ ହୃଦୟ ଦେବାଳୟଠାରେ ୩ ଦିନିଆ ଆଧାତ୍ମିକ ନବୀକରଣ ଧ୍ୟାନ ଶୁଭାରମ୍ଭ ହୋଇଛି। ଏଥିରେ ଅନ୍ତର୍ଜାତୀୟ ପ୍ରଚାରକ ବେଙ୍ଗାଲୁରର ଡ. ଡି. ଜୟାନନ୍ଦ ଯୋଗଦେଇ ନବୀକରଣ ଧ୍ୟାନ ସମ୍ପର୍କରେ ଖ୍ରୀଷ୍ଟଧର୍ମାବଲମ୍ବୀ ଶ୍ରଦ୍ଧାଳୁଙ୍କୁ ଜଣାଇଛନ୍ତି। ଏଥିସହ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ବାଣୀ ଶୁଣାଇବା ସହ ବାଇବଲ୍ ପଠନ ଏବଂ ସାମୁହିକ ପ୍ରାର୍ଥନା କରାଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ କାଟିଙ୍ଗିଆ ଧର୍ମାଞ୍ଚଳର ପ୍ରଚାରକଙ୍କ ସମେତ ବେହେରା କମିଟି, ଅଧିକାରୀ, ଯୁବତୀଯୁବକ ଏବଂ ମହିଳା ସଂଘ ପକ୍ଷରୁ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା ।

# ମେଗା ସମନ୍ୱୟ ମେଳାରେ ୧୧୭ ଏସ୍ଏଚ୍ଜିଙ୍କୁ ଋଣ



ବିଡିଓ ଜଣଙ୍କୁ ପୁରସ୍କୃତ କରୁଛନ୍ତି ।

**ଫୁଲବାଣୀ ଅଫିସ, ୧୭।୧**

କନ୍ଧମାଳ ଜିଲା ପରିଷଦ ସଭାଗୃହରେ ଫୁଲବାଣୀ ପଞ୍ଚାୟତ ସମିତି ଏବଂ ଓଡିଶା ଜୀବିକା ମିଶନ ଆନୁକୂଲ୍ୟରେ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ବ୍ୟାଙ୍କ ଋଣ ପ୍ରଦାନ ପାଇଁ ମେଗା ସମନ୍ୱୟ ମେଳା ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ବ୍ୟାଙ୍କ ଦ୍ୱାରା ଫୁଲବାଣୀ ବ୍ଲକର ୧୧୭ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧ କୋଟି ୮୦ ଲକ୍ଷ ଟଙ୍କାର ଋଣ ଅନୁମୋଦନ ପତ୍ର ପ୍ରଦାନ କରାଯାଇଛି । ଚଳିତ ଆର୍ଥିକ ବର୍ଷରେ ସରକାରଙ୍କ ତରଫରୁ ବ୍ଲକକୁ ଓଡିଶା ଜୀବିକା ମିଶନ ଦ୍ୱାରା ୩୯୫ ଗୋଷ୍ଠୀଙ୍କୁ ଋଣ ପ୍ରଦାନ ପାଇଁ ଲକ୍ଷ୍ୟ ରଖାଯାଇଥିଲା । ଆଜିର ମେଳା ଏବଂ ପୂର୍ବରୁ ଋଣ ଦିଆଯାଇଥିବା ଏସ୍ଏଚଜିଙ୍କୁ ମିଶାଇଲେ ଲକ୍ଷ୍ୟ ପୂରଣ ଆଗୁଆ ହୋଇଥିବା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ବିଡିଓ ସୁବ୍ରତ କୁମାର ଜେନା ସୂଚନା ଦେଇଥିଲେ ।

ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭ୍ୟ ମକରଧ୍ୱଜ ମଲ୍ଲିକ, ସମ୍ମାନିତ ଅତିଥି ଓଡିଶା ଜୀବିକା ମିଶନ ଜିଲା ପ୍ରକଳ୍ପ ଅଧିକାରୀ ସନ୍ତୋଷ କୁମାର ରଥ, ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ରଞ୍ଜିତ କୁମାର ସାମନ୍ତରାୟ, ଏଫଆଇସି ଓଏଲଏମ୍ ଅଭିରାମ ନନ୍ଦ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସୁବର୍ଣ୍ଣବାଳା ନାୟକ ପ୍ରମୁଖ ଯୋଗ ଦେଇଥିଲେ । ଷ୍ଟେଟ ବ୍ୟାଙ୍କ ଆଞ୍ଚଳିକ କାର୍ଯ୍ୟାଳୟ ମୁଖ୍ୟ ପରିଚାଳକ ଜି.ସି. ହାଁସଦା, ଫୁଲବାଣୀ ଶାଖା ମୁଖ୍ୟ ପରିଚାଳକ ଦୀପକ କୁମାର ମଲ୍ଲିକ, ଉତ୍କଳ ଗ୍ରାମ୍ୟବ୍ୟାଙ୍କ ଆଞ୍ଚଳିକ କାର୍ଯ୍ୟାଳୟ ପରିଚାଳକ ବାଳକୃଷ୍ଣ ନାୟକଙ୍କ ସମେତ ଫୁଲବାଣୀର ସମସ୍ତ ବ୍ୟାଙ୍କ ଶାଖା ପରିଚାଳକ ଯୋଗଦେଇ ସ୍ୱୟଂ ସହାୟକ ଗୋଷ୍ଠୀ କର୍ମକର୍ତ୍ତାଙ୍କୁ ଋଣ ରାଶିର ସଦୁପଯୋଗ ସହ ବିକାଶଧାରାକୁ ଆଗକୁ ନେବା ପାଇଁ ଅନୁରୋଧ କରିଥିଲେ । ଏଥିସହ ପ୍ରଧାନମନ୍ତ୍ରୀ ଜନଧନ ଯୋଜନା, ଜୀବନଜ୍ୟୋତି ବୀମା ଯୋଜନା, ସୁରକ୍ଷା ବୀମା ଯୋଜନା, ଅଟଳ ପେନସନ ଯୋଜନା ଉପରେ ମଧ୍ୟ ଅତିଥିମାନେ ଆଲୋକପାତ କରିଥିଲେ। ଏହି ଅବସରରେ ଶ୍ରେଷ୍ଠ ଗୋଷ୍ଠୀ ସାଧନ ସହାୟିକା ଭାବେ ଅନୀତା କହଁର, ବ୍ୟାଙ୍କ ମିତ୍ର ଲଚ୍ଛମା ବେହେରା, ମାଷ୍ଟର ବୁକ କିପର ଭାବେ ରଶ୍ମିତା ଦିଗାଲଙ୍କୁ ପୁରସ୍କୃତ କରାଯାଇଥିଲା। ଗୋଷ୍ଠୀ ପ୍ରକଳ୍ପ ପରିଚାଳିକା ସବିତା ସୁବୁଦ୍ଧି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ହଳଦୀ ଗୋଦାମ ପୋଡ଼ିଗଲା

**ଶଙ୍କରାଖୋଲ,୧୭।୧(ଡି.ଏନ.ଏ.)**

ଚକାପାଦ ବ୍ଲକ ଶଙ୍କରାକୋଲଠାରେ ଗୁରୁବାର ବିଳମ୍ବିତ ରାତିରେ ରାମଚନ୍ଦ୍ର ସାହୁଙ୍କର ଗୋଦାମରେ ନିଆଁ ଲାଗି ହଳଦୀ, କୁଣ୍ଡା ଓ ତେନ୍ତୁଳି ପୋଡିଯାଇଛି। ଟିକାବାଲି ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ନିଆଁ ଲାଗିବାର କାରଣ ଜଣାପଡି ନ ଥିବା ବେଳେ ଏଥିରେ ୫୦ ହଜାର ଟଙ୍କାର କ୍ଷୟକ୍ଷତି ହୋଇଥିବା ଗୋଦାମର ମାଲିକ କହିଛନ୍ତି ।

### କୁହୁଡ଼ି ପାଇଁ ଦୁର୍ଘଟଣା, ଜଣେ ଗୁରୁତର

ଖଜୁରିପଡ଼ା (ଡି.ଏନ୍.ଏ.)/ ବଲସକୁମ୍ପା, ୧୭।୧

ଖଜୁରିପଡ଼ା ଥାନା ଗୁଡ୍ରିସାହି ୫୭ ନଂ. ଜାତୀୟ ରାଜପଥ କଡ଼ ଏକ ଗଛରେ କାର ପିଟି ହେବାରୁ ବିଜ୍ଞାନ୍ତ ବେହେରା ଜଣେ ଗୁରୁତର ହୋଇଛନ୍ତି। ଡ୍ରାଇଭର ଅଳ୍ପକେ ବର୍ତ୍ତି ଯାଇଛନ୍ତି। ବିଜ୍ଞାନ୍ତଙ୍କୁ ଫୁଲବାଣୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଶୁକ୍ରବାର ଭୋର୍‌ରେ କାରଟି ଫୁଲବାଣୀ ପଟୁ ଖଜୁରିପଡ଼ା ଅଭିମୁଖେ ଯାଉଥିବା ବେଳେ ପ୍ରବଳ କୁହୁଡ଼ି ଯୋଗୁ ଏହି ଦୁର୍ଘଟଣା ଘଟିଛି।

# ମହିଳା ଅଧିକାର ସଚେତନତା କର୍ମଶାଳା

**ଫୁଲବାଣୀ ଅଫିସ, ୧୭।୧**

ଫୁଲବାଣୀସ୍ଥିତ ଅରବିନ୍ଦ ନଗର ଅଙ୍ଗନୱାଡ଼ି କେନ୍ଦ୍ରରେ ମହିଳାଙ୍କ ଅଧିକାର ଓ ଦାବି ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଫୁଲବାଣୀ ସିଡିପିଓ ସୁବର୍ଣ୍ଣମାଳା ନାୟକ ଯୋଗଦେଇ ମହିଳା ସଶକ୍ତୀକରଣ ଉପରେ ଗୁରୁତ୍ୱାରୋପ କରିଥିଲେ । ବର୍ତ୍ତମାନ ବହୁ ମହିଳା କର୍ମସଂସ୍ଥାନରେ କାର୍ଯ୍ୟରତ ଥିବା ବେଳେ ଗୃହିଣୀମାନେ ନିଜକୁ ପରିବାରର ଜଞ୍ଜାଳ ମଧ୍ୟରେ ସୀମିତ ରଖୁଛନ୍ତି। ନିଜ ଇଚ୍ଛାଶକ୍ତିକୁ ଦୃଢ଼ କରି ପାରିଲେ ସେମାନେ ମଧ୍ୟ ପରିବାରର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିପାରିବେ । ବର୍ତ୍ତମାନ ଗଢ଼ି ଉଠିଥିବା ସ୍ୱୟଂ ସହାୟକ ଦଳଗୁଡ଼ିକ ଛୋଟ ଛୋଟ ବ୍ୟବସାୟ ଆରମ୍ଭ କଲେ ନିଜେ ଆତ୍ମନିର୍ଭରଶୀଳ ହେବା ସହ ପରିବାରକୁ ମଧ୍ୟ ସହଯୋଗ କରି ପାରିବେ। ବାଲ୍ୟ ବିବାହ ପରି କୁସଂସ୍କାରକୁ ମହିଳାମାନେ ଚାହିଁଲେ ସମାଜରୁ ଦୂର କରିପାରିବେ ବୋଲି ସିଡିପିଓ ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଭାବେ ଆଇନଜୀବୀ ଜୟନ୍ତୀ ପାଣିଗ୍ରାହୀ, ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ ଆଇନ୍ ସମ୍ପର୍କରେ କହିଥିଲେ । ଏଥିସହ ଘରୋଇ ହିଂସାରୁ ମୁକ୍ତି ପାଇବାର ଉପାୟ ସମ୍ପର୍କରେ ସଚେତନ କରିଥିଲେ । ସେହିପରି ଅନ୍ୟମାନେ ଉପସ୍ଥିତ ରହି ମହିଳାମାନଙ୍କୁ ସଚେତନ କରିଥିଲେ । ଅଶୋକ କୁମାର ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା, ପ୍ରିୟଦର୍ଶନୀ ପ୍ରଧାନ ସ୍ୱାଗତ ଭାଷଣ, ମମତା ଦାଶ ଧନ୍ୟବାଦ ଦେଇଥିଲେ ।

# ଭୀମ ଭୋଇ ସାମର୍ଥ୍ୟ ଶିବିରରେ ଅବ୍ୟବସ୍ଥା

**ଦାରିଙ୍ଗବାଡ଼ି,୧୭।୧(ଡି.ଏନ.ଏ)**



ଶିବିରକୁ ଆସିଥିବା ଲୋକେ ବାହାରେ ଅପେକ୍ଷା କରିଛନ୍ତି।

ଦାରିଙ୍ଗବାଡ଼ି ବ୍ଲକ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଭୀମ ଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ଲକ ଅନ୍ତର୍ଗତ ୨୫ ପଞ୍ଚାୟତ ମଧ୍ୟରୁ ୧୭ ପଞ୍ଚାୟତର ଦିବ୍ୟାଙ୍ଗଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ପ୍ରମାଣପତ୍ର ଯୋଗାଇ ଦିଆଯାଉଛି । ଏହାଦ୍ୱାରା ଦିବ୍ୟାଙ୍ଗମାନେ ସରକାରଙ୍କ ବିଭିନ୍ନ ଯୋଜନାରେ ଚିହ୍ନଟ ସହ ସୁବିଧା ପାଇପାରିବେ। ପ୍ରତିବର୍ଷ ଏଭଳି ଶିବିର ଆୟୋଜନ କରାଯାଉଥିଲେ ମଧ୍ୟ ଶୁକ୍ରବାର ଦାରିଙ୍ଗବାଡ଼ିରେ କରାଯାଉଥିବା ଶିବିରରେ ଅବ୍ୟବସ୍ଥାକୁ ନେଇ ଜନ ଅସନ୍ତୋଷ ଦେଖାଯାଇଛି । ଶିବିରକୁ ପରିଚାଳନା କରିବାକୁ ୬୦ ହଜାର ଟଙ୍କା ଅନୁଦାନ ରହିଥିବା ବେଳେ ଦିବ୍ୟାଙ୍ଗଙ୍କ ପାଇଁ ଖାଇବା, ପିଇବା ପାଣି ସହ ଟେଣ୍ଟ ବ୍ୟବସ୍ଥା ଆଦି ଖର୍ଚ୍ଚ କରାଯାଇଛି। ହେଲେ ଦିବ୍ୟାଙ୍ଗଙ୍କ ସୁବିଧା କରା ନ ଯାଇ ଟଙ୍କା ହଡ଼ପ ଚାଲିଥିବା ଅଭିଯୋଗ ହେଉଛି। ନିମ୍ନମାନର ଟେଣ୍ଟ କରାଯାଇଥିବାରୁ ଘଣ୍ଟା ଘଣ୍ଟା ଧରି ଦିବ୍ୟାଙ୍ଗମାନେ ଖରାରେ ଠିଆ ହୋଇ ନାମ ପଞ୍ଜୀକୃତ କରାଇଥିଲେ । ଖରା ଗରମରେ ଉହଲବିକଳ ହେବା ସହ ପାଣି ପାଇଁ ହଟହଟା ହୋଇଥିଲେ । ସେହିପରି ପିଇବା ପାଣିର ବ୍ୟବସ୍ଥା ମଧ୍ୟ ହୋଇ ନ ଥିଲା। ଏଭଳି ଅବ୍ୟବସ୍ଥାକୁ ନେଇ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ବଳରାମ ସେଠୀ ଉଦବେଗ ପ୍ରକାଶ କରିବା ସହ ଏଥିପାଇଁ ଦାରିଙ୍ଗବାଡ଼ି ବ୍ଲକ ସାମାଜିକ ସୁରକ୍ଷା ସଂଗଠକ କ୍ଷୀତେଶ କୁମାର ସାହୁଙ୍କୁ ଦାୟୀ କରିଛନ୍ତି। ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲା ପ୍ରଶାସନ ନିକଟରେ ଜଣାଯିବ ବୋଲି କହିଛନ୍ତି। କ୍ଷୀତେଶଙ୍କ ବିରୋଧରେ ପୂର୍ବରୁ ଅଭିଯୋଗ ରହିଛି। ତେଣୁ ତାଙ୍କୁ ତୁରନ୍ତ ଏଠାରୁ ବଦଳି ପାଇଁ ପଦକ୍ଷେପ ନିଆଯିବ ବୋଲି ଜିଲା ସାମାଜିକ ସୁରକ୍ଷା ଅଧିକାରୀ ବଳରାମ ସେଠୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଅନ୍ୟପକ୍ଷରେ ବିଡିଓ ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳେଇ ମଧ୍ୟ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କ୍ଷୀତେଶ ସାହୁଙ୍କ ଉପରେ କ୍ଷୁବ୍ଧ ହୋଇଛନ୍ତି। ସାମାଜିକ ସୁରକ୍ଷା ଅଧିକାରୀ ସାହୁ ନିଜ ପ୍ରତିକ୍ରିୟାରେ କହିଛନ୍ତି, ପ୍ରତ୍ୟେକ ସରକାରୀ କାର୍ଯ୍ୟରେ ତାଙ୍କ ଟେଣ୍ଟକୁ ଭଡ଼ାସୂତ୍ରରେ ଅଣାଯାଉଛି। ହେଲେ ଗୁରୁବାର ସନ୍ଧ୍ୟା ସୁଦ୍ଧା ଟେଣ୍ଟ ପାଇଁ କୁହାଯାଇ ନ ଥିଲା। ଅନ୍ୟଠାରୁ ତରବରିଆ ଭାବେ ଅଣାଯାଇଥିବାରୁ ଆବଶ୍ୟକ ସ୍ଥାନରେ ଟେଣ୍ଟ ପଡ଼ି ପାରି ନ ଥିବା ସେ କହିଛନ୍ତି। ଦିବ୍ୟାଙ୍ଗମାନଙ୍କ ପାଇଁ ପିଇବା ପାଣି ନ ଥିବା ସେ ସ୍ୱୀକାର କରିଛନ୍ତି। ଏଭଳି ଅବ୍ୟବସ୍ଥାକୁ ନେଇ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

- ଖରାରେ ଠିଆ ହେଲେ ଦିବ୍ୟାଙ୍ଗ, ମିଳିଲାନି ପିଇବା ପାଣି
- କାର୍ଯ୍ୟାନୁଷ୍ଠାନ ହେବ କହିଲେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ

ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ...

# ସାମାଜିକ ବିଜ୍ଞାନ (SOCIAL SCIENCE)

(ii) କୃଷି ଭୂମିର ଆୟତନ ବୃଦ୍ଧି, ଶିକ୍ଷାନୁଷ୍ଠାନ, ଗମନାଗମନ ପଥର ବିସ୍ତୃତି, ଖଣିଜ ପଦାର୍ଥ ଉତ୍ତୋଳନ ଏବଂ ଜଳଭଣ୍ଡାର ଓ ନଦୀ ଉପତ୍ୟକା ଯୋଜନା ଇତ୍ୟାଦି ପାଇଁ ଅରଣ୍ୟ କ୍ଷୟ ହେଉଛି।

(iii) ପ୍ରାକୃତିକ ବିପର୍ଯ୍ୟୟ ତଥା ମାନବୀୟ କାର୍ଯ୍ୟ ଯୋଗୁଁ ଅରଣ୍ୟ କ୍ଷୟ ହେଉଛି।

**କିମ୍ବା,**

(i) ଗାଇ-ଗୋରୁମାନଙ୍କର ମଳମୂତ୍ର ବ୍ୟବହାର କରି ଯେଉଁ ଜୈବଗ୍ୟାସ୍ ଉତ୍ପାଦନ କରାଯାଏ, ତାହାକୁ ଗ୍ରାମାଞ୍ଚଳରେ ଗୋବର ଗ୍ୟାସ୍ ପ୍ଲାଣ୍ଟ କୁହାଯାଏ।

(ii) ରନ୍ଧନ କାର୍ଯ୍ୟରେ ଜାଳେଣି କାଠ ଓ ଗୋବର ଘସି ବଦଳରେ ଏହି ଗ୍ୟାସ୍‌ର ବ୍ୟବହାର ଦ୍ୱାରା ଗଛ ରକ୍ଷା ପାଇଥାଏ ଏବଂ କୃଷି କ୍ଷେତ୍ର ପାଇଁ ଜୈବିକ ସାର ମଧ୍ୟ ମିଳିଥାଏ।

(iii) ଏହାଦ୍ୱାରା ଜୈବଗ୍ୟାସ୍ ଏବଂ ଉତ୍କୃଷ୍ଟ ମାନର ଜୈବିକ ସାର ପାଇବାଦ୍ୱାରା ଚାଷୀ ଦୁଇଆଡ଼ୁ ଲାଭାନ୍ୱିତ ହୋଇଥାଏ।

(ଖ)(i) ପେଡାଲଫର ମୃତ୍ତିକା ଲବଣାମ୍ଳଯୁକ୍ତ ଓ ସ୍ୱଳ୍ପ ଜୈବାଂଶବିଶିଷ୍ଟ ହୋଇଥାଏ।

(ii) ଏହା ଏକ ଲାଲ ମୃତ୍ତିକା।

(iii) ଦକ୍ଷିଣ ଭାରତର ବିଭିନ୍ନ ଆର୍ଦ୍ର ଅଞ୍ଚଳରେ ଏହି ପେଡ଼ାଲଫର ମୃତ୍ତିକା ଦେଖାଯାଏ।

**କିମ୍ବା,**

(i) ଏହି କୋଇଲାରେ ଅଙ୍ଗାରକର ପରିମାଣ ଶତକଡ଼ା ୬୦ ଭାଗ।

(ii) ଏହା ଏକ ନିମ୍ନମାନର ଏବଂ ଧୂସର ରଙ୍ଗର କୋଇଲା।

(iii) ଏହି କୋଇଲା ତାମିଲନାଡୁର ନେଭେଲିଠାରେ ମିଳେ ଓ ବିଦ୍ୟୁତ୍ ଶକ୍ତି ଉତ୍ପାଦନରେ ବ୍ୟବହୃତ ହୁଏ।

(ଗ)(i) **ପୂରଣୀୟ ସମ୍ବଳ:** ମନୁଷ୍ୟର ବ୍ୟବହାର ଦ୍ୱାରା ଯେଉଁ ସମ୍ବଳର ପରିମାଣରେ କୌଣସି ହ୍ରାସ ପରିଲକ୍ଷିତ ହୋଇ ନ ଥାଏ, ତାକୁ ପୂରଣୀୟ ବା ଅବିରାମ ସମ୍ବଳ କହନ୍ତି। ଉଦାହରଣ - ସୌରଶକ୍ତି, ପବନଶକ୍ତି ଓ ଜୁଆର ଶକ୍ତି।

(ii) **ଅପୂରଣୀୟ ସମ୍ବଳ:** ଯେଉଁ ସମ୍ବଳ ମନୁଷ୍ୟର ବ୍ୟବହାର ଦ୍ୱାରା ସଂପୂର୍ଣ୍ଣ ଶେଷ ହୋଇଯାଏ; କିନ୍ତୁ ପୁନଃ ସୃଷ୍ଟି କରାଯାଇପାରେ ନାହିଁ ତାହାକୁ ଅପୂରଣୀୟ ସମ୍ବଳ କୁହନ୍ତି। ଉଦାହରଣ-ଖଣିଜ ପଦାର୍ଥ ଓ ଖଣିଜ ତୈଳ।

**କିମ୍ବା,**(i) **କଙ୍କର :** ଭାଙ୍ଗର ମୃତ୍ତିକାର ଚୂନଗୋଡ଼ି ଅଧିକ ପରିମାଣରେ ଥିଲେ ତାହାକୁ କଙ୍କର ମୃତ୍ତିକା ବୋଲି କୁହାଯାଏ। ଏହି ମୃତ୍ତିକା ଗାଙ୍ଗେୟ ସମତଳ ଭୂମିରେ ପ୍ରାୟତଃ ଦେଖାଯାଏ।

**ଖାଦର :** ଗାଙ୍ଗେୟ ସମତଳ ଭୂମିର ନୂତନ ପଟୁ ମୃତ୍ତିକାକୁ ଖାଦର ମୃତ୍ତିକା କୁହାଯାଏ। ଏହା ମୁଖ୍ୟତଃ ନଦୀ ଶଯ୍ୟାର ପ୍ଲାବନଭୂମିରେ ଦେଖାଯାଏ।

(ଘ) (A)(i) ଲୌହ-ଇସ୍ପାତ ଶିଳ୍ପର ଉତ୍ପାଦିତ ଲୌହ ଇସ୍ପାତ ଅନ୍ୟ ମେସିନ ବା କଳକବ୍ଜାର କଞ୍ଚାମାଲ ରୂପେ ବ୍ୟବହୃତ ହୁଏ।

(ii) ଲୌହ-ଇସ୍ପାତ ଶିଳ୍ପର ସର୍ବଶେଷ ଉତ୍ପାଦ ଅନ୍ୟ ଏକ ଶିଳ୍ପର କଞ୍ଚାମାଲ ରୂପେ ବ୍ୟବହୃତ ହେଉଥିବାରୁ ଏହି ଶିଳ୍ପକୁ ମୌଳିକ ଶିଳ୍ପ କୁହାଯାଏ।

**କିମ୍ବା,**

(i) ଆଲୁମିନିୟମ୍ ଲୁହା ଭଳି ଶକ୍ତ ଏବଂ ହାଲୁକା।

(ii) ଏହା ତାପ ସୁପରିବାହୀ ଏବଂ ପ୍ରସାରଣଶୀଳ। ତେଣୁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଧାତୁ ଅଟେ।

(B)(i) ଭାରତର ପଶ୍ଚିମ ଉପକୂଳ ଅପ୍ରଶସ୍ତ, ଗଭୀର ଓ କମ୍ ଜୁଆର ଦେଖାଯାଏ।

(ii) ତେଣୁ ଏଠାରେ ଜୁଆରିଆ ଅରଣ୍ୟ ଦେଖାଯାଏ ନାହିଁ।

**କିମ୍ବା,**

(i) ଜନସଂଖ୍ୟାର ସ୍ୱଳ୍ପତା ଓ ଅଧିକ ଚାଷଜମି ଥିବା ଅଞ୍ଚଳରେ ବ୍ୟାପକ କୃଷି କରାଯାଏ।

(ii) ବ୍ୟାପକ କୃଷିଭୂମି ଥିବାରୁ ଯାନ୍ତ୍ରିକ ଉପକରଣ ଦ୍ୱାରା କୃଷିକାର୍ଯ୍ୟ କରାଯାଏ।

3. (a)(i) ପୃଥିବୀର ବିଭିନ୍ନ ଦେଶମାନଙ୍କ ମଧ୍ୟରେ ମୁକ୍ତ ଅବାଧ ଓ ନିରପେକ୍ଷ ବାଣିଜ୍ୟ କାରବାର ପ୍ରଚଳନ।

(ii) ଦେଶ ଦେଶ ମଧ୍ୟରେ ଥିବା ଦ୍ୱିପାକ୍ଷିକ ବାଣିଜ୍ୟ ରାଜିନାମା ବଦଳରେ ବହୁପାକ୍ଷିକ ରାଜିନାମାର ପ୍ରବର୍ତ୍ତନ।

(iii) ବିଭିନ୍ନ ଦେଶମାନଙ୍କ ମଧ୍ୟରେ ପୂର୍ବ ପ୍ରଚଳିତ ଆମଦାନି, ରପ୍ତାନୀ ନିୟମ ଓ କଟକଣା ଉଚ୍ଛେଦ କରାଯାଇଛି।

**କିମ୍ବା,**

(i) ବିକାଶୋନ୍ମୁଖୀ ଦେଶଗୁଡ଼ିକର ମୁଖ୍ୟ ଲକ୍ଷଣ ହେଉଛି ଜନସଂଖ୍ୟା ବୃଦ୍ଧି।

(ii) ଜନସଂଖ୍ୟା ବୃଦ୍ଧିକୁ ନିୟନ୍ତ୍ରଣ ନ କରି ପାରିବା ଯୋଗୁଁ ସମ୍ବଳ ଉପରେ ଅତ୍ୟଧିକ ଚାପ ପଡ଼େ ଓ ଲୋକମାନଙ୍କ ମୁଣ୍ଡପିଛା ଆୟରେ ଆଶାନୁରୂପ ବୃଦ୍ଧି ପରିଲକ୍ଷିତ ହୋଇପାରେ ନାହିଁ।

(iii) ଏହି ଦେଶମାନଙ୍କରେ ବସବାସ କରୁଥିବା ଅଧିକାଂଶ ଲୋକ ଗରିବ ହୋଇଥାନ୍ତି। ସେମାନଙ୍କ ମୁଣ୍ଡପିଛା ଆୟ କମ୍ ଓ ଜୀବନଯାପନ ମାନ ଅତି ନିମ୍ନ ଧରଣର।

4. (a)(i) **ସରକାରୀ ମାଲିକାନା:** ସରକାରୀ ଉଦ୍ୟମରେ ପ୍ରତିଷ୍ଠିତ ଓ ପରିଚାଳିତ ବିଭିନ୍ନ ଦ୍ରବ୍ୟ ଓ ସେବା ଉତ୍ପାଦନକାରୀ ସଂସ୍ଥା, ଯଥା- ଭାରତୀୟ ରେଳ ବିଭାଗ ଓ ଡାକ ବିଭାଗ ସରକାରୀ ମାଲିକାନାରେ ଥାଆନ୍ତି। ଏମାନେ ଜନକଲ୍ୟାଣ ପାଇଁ କାମ କରନ୍ତି।

(ii) **ଘରୋଇ ମାଲିକାନା:** ଭାରତର କୃଷି ଓ ଘରୋଇ କଳକାରଖାନା ବ୍ୟକ୍ତି ବିଶେଷଙ୍କ ମାଲିକାନାରେ ଥିବାରୁ ଏହାକୁ ଘରୋଇ ମାଲିକାନା କହନ୍ତି। ଏମାନେ ଲାଭ ଆଶାରଖି କାର୍ଯ୍ୟ କରିଥାନ୍ତି।

**କିମ୍ବା,**

(i) **ଜାତୀୟ ଖାଉଟି କମିଶନ :** ଜାତୀୟ ସ୍ତରରେ ଖାଉଟି ଅଦାଲତକୁ ଜାତୀୟ ଖାଉଟି କମିଶନ ବୋଲି କୁହାଯାଏ। ଆମ ଦେଶରେ ଏହାର କାର୍ଯ୍ୟାଳୟ ଦିଲ୍ଲୀରେ ଅବସ୍ଥିତ।

(ii) **ରାଜ୍ୟ ଖାଉଟି କମିଶନ :** ରାଜ୍ୟ ସ୍ତରରେ ଖାଉଟି ଅଦାଲକୁ ରାଜ୍ୟ ଖାଉଟି କମିଶନ ବୋଲି କୁହାଯାଏ। ଓଡ଼ିଶାରେ ଏହାର କାର୍ଯ୍ୟାଳୟ ଭୁବନେଶ୍ୱରଠାରେ ଅବସ୍ଥିତ।

□□□

**ସଂକ୍ଷେପରେ**

ଗଞ୍ଜେଇ ଜବତ ଘଟଣା

## ବାଇକ୍ ସହ ଯୁବକ ଗିରଫ

**ବ୍ରହ୍ମପୁର ଅଫିସ,୧୭।୧:** ପୋଲିସ ଏବେ ଗଞ୍ଜେଇ ଚାଲାଣକାରୀଙ୍କ ଉପରେ ନଜର ରଖିଛି। ଗତ ୨ ଦିନ ମଧ୍ୟରେ ପୃଥକ୍ ସ୍ଥାନରୁ ୩ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଧାରାରେ ଗୁରୁବାର ରାତି ପ୍ରାୟ ୧୧ ଟାରେ ବୈଦ୍ୟନାଥପୁର ପୋଲିସ ରାମନଗର ରେଳଧାରଣା କଡ ରାସ୍ତାରେ ବାଇକ୍‌ରେ ଯାଉଥିବା ଜଣେ ଯୁବକଙ୍କୁ ସନ୍ଦେହରେ ଅଟକାଇଥିଲା। ପରେ ଯୁବକ ଜଣଙ୍କ ଧରିଥିବା ବ୍ୟାଗ ଯାଞ୍ଚ କରିଥିଲା। ଏଥିରେ ଗଞ୍ଜେଇ ଥିବା ବେଳେ ତାହା ବେଆଇନ ଭାବେ ଚାଲାଣ କରାଯାଉଥିବା ପୋଲିସ ଜାଣିବାକୁ ପାଇଥିଲା। ଗିରଫ ଯୁବକ ଜଣକ ପାଟପୁର ଥାନା ଅନ୍ତର୍ଗତ କଂସାମାରି ଗ୍ରାମର ଡି.ବାଦଲ ଦୋରା (୨୨) ବୋଲି ଥାନାଧିକାରୀ ସାରଦା ପ୍ରସନ୍ନ ଦାସ ଶୁକ୍ରବାର ସୂଚନା ଦେଇଛନ୍ତି। ବ୍ୟାଗ ଭିତରୁ ପୋଲିସ ୯ କେଜି ୮୫୦ ଗ୍ରାମ ଗଞ୍ଜେଇ ଓ ତାଙ୍କ ବାଇକ୍ ଜବତ କରିଛି। ମାମଲା ନମ୍ବର ୧୩/୨୦ ରେ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟଚାଲାଣ କରିଥିବା କହିଛି।

## ଆଇନଜୀବୀଙ୍କ ବିୟୋଗରେ କାର୍ଯ୍ୟବନ୍ଦ

**ବ୍ରହ୍ମପୁର ଅଫିସ,୧୭।୧:** ଗଞ୍ଜାମ ଓକିଲ ସଂଘ ସଦସ୍ୟ ତଥା ବରିଷ୍ଠ ଆଇନଜୀବୀ ଏସ୍. ଭି. ରମଣାମୂର୍ତ୍ତି ପଟ୍ଟନାୟକଙ୍କ ବିୟୋଗରେ ଶୁକ୍ରବାର ବାର ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଓକିଲ ସଂଘ ସଭାପତି ରବୀନ୍ଦ୍ର ପାଣିଗ୍ରାହୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୃତ ଆଇନଜୀବୀଙ୍କ ଆମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସେହିପରି ଶୋକସନ୍ତପ୍ତ ପରିବାରବର୍ଗଙ୍କ ପାଇଁ ସମବେଦନା ମଧ ଜ୍ଞାପନ କରାଯାଇଥିଲା। ଏଥିରେ ସଂଘ ସମ୍ପାଦକ କୈଳାସ ଚନ୍ଦ୍ର ପାଣିଗ୍ରାହୀ, ଉପସଭାପତି ଚିତ୍ତରଞ୍ଜନ ଶତପଥୀ, ଯୁଗ୍ମ ସମ୍ପାଦକ କିରଣ କୁମାର ମଣ୍ଡଳ, ଶତ୍ରୁଘ୍ନ ପାତ୍ର, ରଘୁନାଥ ପ୍ରସାଦ ପାଣିଗ୍ରାହୀ, ପ୍ରଫୁଲ୍ଲ ଗୌଡ଼, କରୁଣାକର ପାଣିଗ୍ରାହୀ, ରବୀନ୍ଦ୍ର ଦେଓ, ସୀତାଂଶୁ ପଣ୍ଡା ଓ ବିରଞ୍ଚି ମହାପାତ୍ରଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ଶୁକ୍ରବାର ଦିନକ ପାଇଁ ଓକିଲ ସଂଘ ତରଫରୁ ଜିଲା ଜଜ କୋର୍ଟ ସମେତ ସମସ୍ତ ନିମ୍ନ ଅଦାଲତ ଗୁଡିକରେ କୋର୍ଟ କାର୍ଯ୍ୟବନ୍ଦ ରଖାଯାଇଥିଲା।

## ୨ ନିଶାସକ୍ତ ବାଇକ୍ ଚାଳକ କୋର୍ଟ ଚାଲାଣ

**ପାଟପୁର,୧୭।୧:** ପାଟପୁର ପୋଲିସ ଶୁକ୍ରବାର ୨ ନିଶାସକ୍ତ ବାଇକ ଚାଳକଙ୍କୁ ମାମଲା ନଂ .୮/୨୦ ମୋଟର ଆଇନର ଦଫା ୧୮୫ ଅନୁଯାୟୀ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଶେରଗଡ଼ ଥାନା ଶେରଗଡ଼ ଗ୍ରାମର ବିପ୍ର ଚରଣ ସାହୁ ଓ ହିଞ୍ଜିଳି ଥାନା ଅନ୍ତର୍ଗତ ପଥରପୁଞ୍ଜି ଗ୍ରାମର ଟିଙ୍କିରି ଜେନା। ଗୁରୁବାର ସନ୍ଧ୍ୟାରେ ସ୍ଥାନୀୟ ଜଗନ୍ନାଥପୁର ନିକଟରେ ପୋଲିସ ଯାନବାହନ ଯାଞ୍ଚ କରୁଥିବା ବେଳେ ନିଶାସକ୍ତ ଅବସ୍ଥାରେ ବିପ୍ର ଓ ଟିଙ୍କିରି ବାଇକ ଚଳାଉଥିବା ଜଣାପଡିଥିଲା। ବ୍ରେଥ ଆନାଲାଇଜର ମେଶିନ ଦ୍ୱାରା ପୋଲିସ ସେମାନଙ୍କୁ ପରୀକ୍ଷା କରିବା ପରେ ଗିରଫ କରିଥିଲା।

# ଜନ୍ମରୁ ୫ ବର୍ଷର ୩୫୨୫୮୦ ଶିଶୁଙ୍କୁ ଟିକାକରଣ ଲକ୍ଷ୍ୟ

**ବ୍ରହ୍ମପୁର ଅଫିସ,୧୭।୧**

ଗଞ୍ଜାମ ଜିଲାରେ ଶତପ୍ରତିଶତ ଶିଶୁଙ୍କୁ ପଲସ ପୋଲିଓ ଟିକାକରଣ କରିବା ନେଇ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଏକ ସ୍ୱତନ୍ତ୍ର ଅଭିଯାନ ଆସନ୍ତା ୧୯ତାରିଖରୁ ଆରମ୍ଭ ହେବ । ୨୧ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଚାଲିବାକୁ ଥିବା ଏହି ଅଭିଯାନ ମାଧ୍ୟମରେ ଜିଲାର ଜନ୍ମରୁ ୫ ବର୍ଷର ସମସ୍ତ ଶିଶୁଙ୍କ ଟିକାକରଣ କରାଯିବା ନେଇ ଲକ୍ଷ୍ୟ ରଖାଯାଇଥିବା ଶୁକ୍ରବାର ଜିଲା ପ୍ରଜ୍ଞାନ ହଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଗଞ୍ଜାମ ଜିଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ(ସିଡିଏମ୍ ପିଏଚଓ) ଡା. ବିଜୟ କୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି । ଏହି ଅଭିଯାନର ପ୍ରଥମ ଦିନ ବୁଥରେ ଶିଶୁଙ୍କୁ ଟିକାକରଣ କରାଯିବାର କାର୍ଯ୍ୟକ୍ରମ ରହିଥିବା ବେଳେ ଅନ୍ୟ ଦୁଇଦିନ ଘରକୁ ଘର ବୁଲି ଶିଶୁଙ୍କୁ ପୋଲିଓ ଟିକା ପ୍ରଦାନ କରାଯିବା ନେଇ ସିଡିଏମ୍ ପିଏଚଓ ସୂଚାଇଛନ୍ତି ।

**୧୯ ରୁ ପଲସ୍ ପୋଲିଓ ଟିକାକରଣ ଅଭିଯାନ**



ମଞ୍ଚାସୀନ ସିଡିଏମ୍‌ପିଏଚଓ ଏବଂ ଅନ୍ୟ ଅଧିକାରୀ ।

ତିନିଦିନରେ ଜନ୍ମରୁ ୫ ବର୍ଷ ବୟସର ୩ ଲକ୍ଷ ୫୨ ହଜାର ୫୮୦ ଶିଶୁଙ୍କୁ ପଲସ୍ ପୋଲିଓ ଟିକାକରଣ ପାଇଁ ଚିହ୍ନଟ କରାଯାଇଛି । ଏଥିପାଇଁ ଜିଲାର ୧୬୧୭ ବୁଥରେ ୩୨୬୪ ଟିମ୍‌କୁ ନିୟୋଜିତ କରାଯାଇଛି । ବୁଥଗୁଡିକର ତଦାରଖ ପାଇଁ ୩୨୩ ସୁପରଭାଇଜରଙ୍କୁ ମଧ ନିୟୋଜିତ କରାଯାଇଛି । ଏହାବ୍ୟତୀତ ବସ୍‌ଷ୍ଟାଣ୍ଡ, ରେଳଷ୍ଟେଶନରେ ଥିବା ଶିଶୁଙ୍କୁ ପଲସ୍ ପୋଲିଓ ଟିକାକରଣ ପାଇଁ

**ଜିଲାରେ ୧୬୧୭ ବୁଥରେ ନିୟୋଜିତ ହେବେ ୩୨୬୪ ଟିମ୍**

୭୫ ଟ୍ରାଞ୍ଜିଟ ଟିମ୍ ଓ କଷ୍ଟ୍ରକ୍ସନ ସାଇଟ୍, ଯାଯାବର ବସ୍ତି ଅଞ୍ଚଳରେ ଶତପ୍ରତିଶତ ଟିକାକରଣ ପାଇଁ ୪୬ ମୋବାଇଲ ଟିମ୍ ଗଠନ କରାଯାଇଛି। ଏହାବ୍ୟତୀତ ୮୦ ପ୍ରତିଶତରୁ କମ ଟିକାକରଣ ହେଉଥିବା ଜିଲାର ୧୮୨ ସବ୍ ସେଣ୍ଟର ତଥା ଅଞ୍ଚଳରେ ଫେବୃୟାରୀରୁ ସ୍ୱତନ୍ତ୍ର ଟିକାକରଣ ଅଭିଯାନ ଆରମ୍ଭ ହେବ। ମେ ମାସ ପର୍ଯ୍ୟନ୍ତ ୪ ମାସ ଧରି ଚାଲିବାକୁ ଥିବା ଏହି ଅଭିଯାନରେ ଜନ୍ମରୁ ୨ ବର୍ଷ ବୟସର ଶିଶୁ ଓ ଗର୍ଭବତୀଙ୍କୁ ଅନ୍ତର୍ଭୁକ୍ତ କରାଯିବ । ପ୍ରତିମାସରେ ୭ କାର୍ଯ୍ୟ ଦିବସରେ ଟିକାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି ଅଭିଯାନରେ ସମସ୍ତ ପ୍ରକାର ନିୟମିତ ଟିକା ପ୍ରଦାନ କରାଯିବ ବୋଲି ସିଡିଏମ୍‌ପିଏଚଓ କହିଛନ୍ତି । ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ମ୍ୟାଲେରିଆ ନିରାକରଣ ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଆର ଜଗଦୀଶ ପଟ୍ଟନାୟକ, ଜିଲା ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଭି. ସରୋଜିନୀ ଦେବୀ, ଜିଲା ପ୍ରକଳ୍ପ ଅଧିକାରୀ ଶ୍ୟାମସୁନ୍ଦର ତ୍ରିପାଠୀ, ଜିଲା ମାତୃ ଶିଶୁ କାର୍ଯ୍ୟକାରୀ ପରିଚାଳକ(ଡିଏମ୍‌ଆରସିଏଚ) ଶକ୍ତି କୁମାର ଦିଗାଲ ପ୍ରମୁଖ ମଞ୍ଚାସୀନ ଥିଲେ।

# ଉତ୍ତମ ଜୀବନଯାପନ, ସ୍ୱାସ୍ଥ୍ୟ ସଚେତନତା ଶିବିର



ସଚେତନତା ଶିବିର ।

**ବ୍ରହ୍ମପୁର ଅଫିସ,୧୭।୧**

ବ୍ରହ୍ମପୁରସ୍ଥିତ ଧର୍ମନଗର ନିକଟସ୍ଥ ପୂର୍ବ ରୋଟାରୀ କ୍ଲବ ପରିସରରେ ଏସ୍‌ଏଚସିବିଏଲ୍ ପକ୍ଷରୁ ଉତ୍ତମ ଜୀବନଯାପନ ଓ ସ୍ୱାସ୍ଥ୍ୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ଦୁର୍ଗାଚରଣ ଚୌଧୁରୀ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ଜୟନ୍ତ ରାଉତରାୟ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ହରେକୃଷ୍ଣ ମିଶ୍ର ସଚେତନ ରହିବା ସହ ଅନ୍ୟକୁ ସତର୍କ କରିବାକୁ କହିଥିଲେ । କ୍ଲବର ନୂତନ ସଭାପତି ଭାବେ ନାରସୁ ଜେନା, ଉପସଭାପତି ବି.ବି.ପାଢ଼ୀ, ଜିଲା ଉନ୍ନୟନ ମୁଖ୍ୟ ଏ.ନାଗେଶ୍ୱର ପାତ୍ର, ସମ୍ପାଦକ ପଦ୍ମନାଭ ରଥ ନିର୍ବାଚିତ ହୋଇଥିଲେ। ବିଗତ ବର୍ଷ ଏସଏଚ୍‌ସିବିଏଲ ପକ୍ଷରୁ ହୋଇଥିବା କାର୍ଯ୍ୟର ଆଲୋଚନା ହୋଇଥିଲା। ଚଳିତ ବର୍ଷ ପାଇଁ ବିଶ୍ୱରୁ କ୍ଷୁଧା ନିବାରଣ, ପରିବେଶ ସଚେତନତା, ପ୍ରତିଦିନ ପ୍ରାତଃଭ୍ରମଣ ଏବଂ ହୃଦୟ ସୁରକ୍ଷା ପାଇଁ ସଦସ୍ୟଙ୍କୁ ସଚେତନ କରିଥିଲେ । ଏସଏଚସିବିଏଲ୍ ନିର୍ଦ୍ଦେଶକ ନରସିଂହ ପାତ୍ର ଧନ୍ୟବାଦ ଦେଇଥିଲେ ।

# ସଚେତନତା କ୍ଷେତ୍ରରେ ସଡ଼କ ସୁରକ୍ଷା ସପ୍ତାହ ବିଫଳ

**ବ୍ରହ୍ମପୁର ଅଫିସ,୧୭।୧**

ଟ୍ରାଫିକ ପୋଲିସ ପକ୍ଷରୁ ୩୧ ତମ ସଡକ ସୁରକ୍ଷା ସପ୍ତାହ ପାଳନ କରାଯାଉଛି। ଗାଡି ଚାଳକମାନଙ୍କୁ ଟ୍ରାଫିକ ନିୟମ ସମ୍ପର୍କରେ ପୋଲିସ ସଚେତନ କରୁଛି। ଦୁର୍ଘଟଣା ରୋକିବାରେ ଏହା ସହାୟକ ହେଉନାହିଁ। ଲୋକଙ୍କୁ ସଚେତନ ସହିତ ଜିଲାରେ ଦୁର୍ଘଟଣା ଜନିତ ମୃତ୍ୟୁ ଦିନକୁ ଦିନ ବଢ଼ିବାରେ ଲାଗିଛି। ପୋଲିସ ହିସାବରେ ୨୦୧୮ରେ ୪୬ ଦୁର୍ଘଟଣାରେ ୧୦୫ ଜଣଙ୍କର ମୃତ୍ୟୁ ଘଟିଥିଲା। ୨୦୧୯ରେ ୩୬ ଦୁର୍ଘଟଣାରେ ୧୦୧ ଜଣଙ୍କର ମୃତ୍ୟୁ ଘଟିଥିଲା। ୨୦୧୮ ତୁଳନାରେ ୨୦୧୯ରେ ଦୁର୍ଘଟଣା ସଂଖ୍ୟା ହ୍ରାସ ପାଇଛି, ଅନ୍ୟପଟେ ଚଳିତ ବର୍ଷ ସଚେତନତା କ୍ଷେତ୍ରରେ ସଡକ ସୁରକ୍ଷା ସପ୍ତାହ ବିଫଳ ହୋଇଥିବା ଦେଖିବାକୁ ମିଳୁଛି। ମାତ୍ରାଧିକ ଯାନବାହନ ଚଳାଚଳ କରୁଥିବା ଜିଲାରେ ସଡକ ସୁରକ୍ଷା ସଚେତନତା ବିଶେଷ ପ୍ରଭାବ ପକାଇ ପାରୁନାହିଁ। ଗତ ୧୨ ଦିନ ମଧ୍ୟରେ ମରଣଯନ୍ତା ଭାବେ ପରିଚିତ ଜାତୀୟ ରାଜପଥ ନଂ. ୧୬ ହଳଦିଆପଦର ଓ ଖଜୁରିଆ ବାଇପାସ୍‌ରେ ସଡକ ଦୁର୍ଘଟଣାରେ ଜଣେ ମହିଳାଙ୍କ ସମେତ ୨ ଜଣ ଯୁବକଙ୍କ ମୃତ୍ୟୁ ଘଟିଛି। ସେହିପରି ଏହି ଦୁର୍ଘଟଣାରେ ୩ ଜଣ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨ ଜଣ ଯୁବକ ଏବେ ବି କୋମାରେ ବଡମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଗତ ୩ ତାରିଖରେ ହଳଦିଆପଦର ବାଇପାସ୍‌ରେ ଏକ ଟ୍ରକ ଧକ୍କାରେ ଗୋଳନ୍ଥରା ଥାନା ଅନ୍ତର୍ଗତ ଆମ୍ବପୁର ଗ୍ରାମର ରିତା କୁମାରୀ ହୋତାଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ସ୍ୱାମୀ ମହେନ୍ଦ୍ର କୁମାର ହୋତା ଗୁରୁତର ଆହତ ହୋଇଥିଲେ। ସେହିପରି ଗତ ୯ତାରିଖରେ ଖଜୁରିଆ ବାଇପାସ ନିକଟରେ ଟ୍ରକ ଧକ୍କାରେ ସଦର ଥାନା ଭାବିନୀପୁରର ପପୁନ ପାଢ଼ୀଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ସାଙ୍ଗ ପ୍ରଶାନ୍ତ ସାହୁ ଏବେ ବି ଏମ୍‌କେସିଜି ମେଡିକାଲରେ ସଂଜ୍ଞାହୀନ ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ସେହିପରି ୧୫ ତାରିଖରେ ଖଜୁରିଆ ବାଇପାସରେ ଏକ ଟ୍ରକ ଧକ୍କାରେ ସଦର ଥାନା ସୁକୁଣ୍ଡା ଗ୍ରାମର ଶିବ ଶଙ୍କର ସାହୁଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ଶାଳକ ଗୋଳନ୍ଥରା ଥାନା ରଣ୍ଡା ଗ୍ରାମର ଶିବ ପାତ୍ର ସଂଜ୍ଞାହୀନ ଭାବେ ଏମକେସିଜିରେ ଚିକିତ୍ସିତ ହେଉଛନ୍ତି। ମଦ୍ୟପାନ କରି ଗାଡି ଚାଳନା କରୁଥିବା ଚାଳକମାନଙ୍କୁ ଦଣ୍ଡିତ କରିବା ପାଇଁ ରାଜପଥରେ ଗୋଟିଏ ଇଣ୍ଟରସେପ୍ଟର ମୁତୟନ ହୋଇଛି। ଯେଉଁ ହାରରେ ନିଶାସକ୍ତ ଗାଡି ଚାଳକମାନେ ଦୁର୍ଘଟଣା ଘଟାଉଛନ୍ତି ସେଥିରୁ ଏହି ଇଣ୍ଟରସେପ୍ଟର ସେଭଳି କାର୍ଯ୍ୟ କରୁ ନ ଥିବା ଲକ୍ଷ୍ୟ କରାଯାଉଛି। ନୂତନ ଟ୍ରାଫିକ ନିୟମ ଲାଗୁ ପରେ ପୋଲିସ ପକ୍ଷରୁ ନିଶାଡିଙ୍କ ଯାଞ୍ଚ କଡାକଡି ହୋଇଥିବା ବେଳେ ବହୁ ନିଶାସକ୍ତ ଗାଡି ଚାଳକ ଧରାପଡିଥିଲେ। ଇତିମଧ୍ୟରେ ଦୁର୍ଘଟଣା ପ୍ରବଣ ସଡକଗୁଡିକ ଚିହ୍ନଟ କରାଯାଇଥିଲା। ସଡକ ସୁରକ୍ଷା ସପ୍ତାହ ପାଳନ ସମୟରେ ବ୍ୟାପକ ଅର୍ଥ ବ୍ୟୟରେ ଯେତେ ସଚେତନ କଲେ ବି କ୍ଷେତ୍ରସ୍ଥଳରେ ତାହା କାର୍ଯ୍ୟକାରୀ ହୋଇପାରୁ ନ ଥିବା ଲକ୍ଷ୍ୟ କରାଯାଉଛି। ଅନ୍ୟପଟେ ଆସନ୍ତା ମାର୍ଚ୍ଚରୁ ନୂତନ ଟ୍ରାଫିକ ଆଇନ କଡ଼ାକଡ଼ି ହେବା ପରେ ଲୋକେ କିଭଳି ତାହାକୁ ପାଳନ କରିବେ ତାହା ଉପରେ ସମସ୍ତଙ୍କ ଲକ୍ଷ୍ୟ ରହିଛି। ଟ୍ରାଫିକ ଡ଼ିଏସ୍‌ପି ସାର୍ଥକ ରାୟ କୁହନ୍ତି, ସଡକ ଦୁର୍ଘଟଣା ହ୍ରାସ କରିବା ପାଇଁ ପୋଲିସ ଲୋକଙ୍କୁ ସଚେତନ କରୁଛି। ଯେଉଁ ଚାଳକମାନେ ବିନା ହେଲମେଟରେ ଗାଡି ଚଳାଉଛନ୍ତି ସେମାନଙ୍କୁ ଗୋଲାପ ଫୁଲ, ଚକୋଲେଟ ଓ ହେଲମେଟ ଦେଇ ସଚେତନ କରୁଛୁ। ଆପେ ଆପେ ଦୁର୍ଘଟଣା କମିଯିବ ବୋଲି ଟ୍ରାଫିକ ଡ଼ିଏସ୍‌ପି ରାୟ କହିଛନ୍ତି।

# ସଂସ୍କୃତି ଭବନରେ କବିସୂର୍ଯ୍ୟଙ୍କ ପ୍ରତିମୂର୍ତ୍ତି ଲୋକାର୍ପିତ

**ବ୍ରହ୍ମପୁର ଅଫିସ,୧୭।୧**

ହିଲପାଟଣାସ୍ଥିତ ବିଜୁ ପଟ୍ଟନାୟକ ସଂସ୍କୃତି ଭବନରେ କବିସୂର୍ଯ୍ୟ ବଳଦେବ ରଥଙ୍କ ପ୍ରତିମୂର୍ତ୍ତି ଶୁକ୍ରବାର ଲୋକାର୍ପିତ ହୋଇଯାଇଛି । ରାଜ୍ୟ ପର୍ଯ୍ୟଟନ ଏବଂ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ କବିସୂର୍ଯ୍ୟ ବଳଦେବ ରଥଙ୍କ ପ୍ରତିମୂର୍ତ୍ତିକୁ ଲୋକାର୍ପିତ କରିଛନ୍ତି। କାର୍ଯ୍ୟକ୍ରମରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ କୁମାର ପଣ୍ଡା, ପୂର୍ବତନ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ପୂର୍ବତନ ବିଡିଏ ଅଧକ୍ଷ ସୁବାସ ଚନ୍ଦ୍ର ମହାରଣା, ସଂସ୍କୃତି ବିଭାଗ ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ବିଜୟ କୁମାର ନାୟକ, ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ସଂଗ୍ରହାଧ୍ୟକ୍ଷ ଅଶ୍ୱିନୀ କୁମାର ଶତପଥୀ, ସହକାରୀ ଯନ୍ତ୍ରୀ ସରୋଜ କୁମାର ନନ୍ଦ, ଯନ୍ତ୍ରୀ ଶୁଭାଶିଷ ପୃଷ୍ଟି,ଜିଲା ଗ୍ରନ୍ଥାଗାର ଲାଇବ୍ରେରିଆନ ଅମିୟ କୁମାର ଧଳ, ଛତ୍ରପୁର ସହକାରୀ ଜିଲାପାଳ ବିକ୍ରମ କୁମାର ଦୋରା ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କର୍ପୋରେଟର ମମତା ବିଷୋୟୀ, ସଂଘମିତ୍ରା ଦଳାଇ, ଆର. ମୁରଲୀ ମୋହନ, ସୁଧୀର ରାଉତଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ । ପୂର୍ବରୁ ସଂସ୍କୃତି ଭବନ ପରିସରରେ ସ୍ୱଭାବ କବି ଗଙ୍ଗାଧର ମେହେର ଓ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା। ତେବେ ଶୁକ୍ରବାର ସ୍ଥାପିତ ହୋଇଥିବା କବିସୂର୍ଯ୍ୟଙ୍କ ବ୍ରୋଞ୍ଜରେ ନିର୍ମିତ ପ୍ରତିମୂର୍ତ୍ତିର ଉଚ୍ଚତା ୧୧ ଫୁଟ ରହିଥିବା ବେଳେ ପ୍ରତିମୂର୍ତ୍ତି ନିର୍ମାଣରେ ୧୧ ଲକ୍ଷ ୭୦ ହଜାର ଟଙ୍କା ବ୍ୟୟ ହୋଇଥବା ବିଭାଗ ପକ୍ଷରୁ ସୂଚାଯାଇଛି ।


ଲୋକାର୍ପଣ ଉତ୍ସବରେ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଓ ଅନ୍ୟମାନେ ।

**ଲୋକାର୍ପଣ ପାଇଁ ଦେଢ ଘଣ୍ଟା ଅପେକ୍ଷା କଲେ ମନ୍ତ୍ରୀ**

ବିଜୁ ପଟ୍ଟନାୟକ ସଂସ୍କୃତି ପରିସରରେ କବିସୂର୍ଯ୍ୟ ବଳଦେବ ରଥଙ୍କ ପ୍ରତିମୂର୍ତ୍ତି ଲୋକାର୍ପଣ କରିବାକୁ ନିର୍ଦ୍ଧାରିତ ସମୟରେ ପହଞ୍ଚିଥିଲେ ରାଜ୍ୟ ପର୍ଯ୍ୟଟନ ଏବଂ ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ । ମନ୍ତ୍ରୀ ପହଞ୍ଚିବା ସମୟରେ ଉତ୍ସବସ୍ଥଳ ସମ୍ପୂର୍ଣ୍ଣ ଲୋକଶୂନ୍ୟ ରହିଥିଲା । ସହରର ଶହ ଶହ ସାଂସ୍କୃତିକ, ସାହିତ୍ୟାନୁଷ୍ଠାନ ରହିଥିଲେ ମଧ କୌଣସି ଅନୁଷ୍ଠାନ କର୍ମକର୍ତ୍ତା ଲୋକାର୍ପଣ ସ୍ଥଳରେ ନିର୍ଦ୍ଧାରିତ ସମୟରେ ପହଞ୍ଚି ନ ଥିଲେ । ଫଳରେ ମନ୍ତ୍ରୀଙ୍କୁ ସଂସ୍କୃତି ଭବନ ପରିସରରେ ଥିବା ଜିଲା ପର୍ଯ୍ୟଟନ ବିଭାଗ କାର୍ଯ୍ୟାଳୟରେ ଦୀର୍ଘ ଦେଢ ଘଣ୍ଟା ଧରି ଅପେକ୍ଷା କରିବାକୁ ପଡିଥିଲା । ଏହାକୁ ନେଇ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ଓ ଅନ୍ୟ ଅଧିକାରୀମାନେ କ୍ଷୋଭ ପ୍ରକାଶ କରିବା ସହ ଦଳୀୟ, ସ୍ଥାନୀୟ ଜନପ୍ରତିନିଧିଙ୍କୁ ଏକତ୍ରିତ କରିବା ପରେ ଦେଢ ଘଣ୍ଟା ବିଳମ୍ବରେ କବିସୂର୍ଯ୍ୟଙ୍କ ପ୍ରତିମୂର୍ତ୍ତି ଲୋକାର୍ପିତ ହୋଇଥିଲା ।

# କଳାକାର, ସାଂସ୍କୃତିକ ଅନୁଷ୍ଠାନକୁ ଅବହେଳା ଅଭିଯୋଗ

**ବ୍ରହ୍ମପୁର ଅଫିସ,୧୭।୧**

ଗଞ୍ଜାମ ଜିଲାର କଳାକାରଙ୍କ ପ୍ରତି ରାଜ୍ୟ ସରକାରଙ୍କ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଅବହେଳା କରାଯାଉଛି । ସରକାରୀ ଅନୁଦାନ, ପ୍ରୋତ୍ସାହନ, ସ୍ଥାୟୀ ରଙ୍ଗମଞ୍ଚ ପ୍ରଦାନ ଦିଗରେ ବହୁବାର ଗଞ୍ଜାମ ଜିଲାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଥିଲେ ମଧ ବିଭାଗ ପକ୍ଷରୁ ଏଥିପ୍ରତି ଗୁରୁତ୍ୱ ଦିଆଯାଉ ନାହିଁ କେବଳ କଳାକାର ଭତ୍ତା ପ୍ରଦାନ କରି ବିଭାଗ ଦାୟିତ୍ୱ ସାରୁଥିବା ଜିଲାର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ, କଳାକାରମାନଙ୍କ ପକ୍ଷରୁ ଅଭିଯୋଗ କରାଯାଇଥିଲା। ବ୍ରହ୍ମପୁରରେ ଉନ୍ନତମାନର ସ୍ଥାୟୀ ସରକାରୀ ରଙ୍ଗମଞ୍ଚ ପ୍ରତିଷ୍ଠା, ସଂସ୍କୃତି ଭବନରେ ନାଟକ ପରିବେଶଣ ନିମିତ୍ତ ସ୍ଥାୟୀ ଷ୍ଟ୍ରକ୍ଚର ନିର୍ମାଣ, ସଂସ୍କୃତି ଭବନର ସର୍ବନିମ୍ନ ଫି ୫୦୦୦ ଟଙ୍କା ନିର୍ଦ୍ଧାରିତ କରିବା, ନାଟ୍ୟାନୁଷ୍ଠାନଗୁଡିକୁ ଅଭ୍ୟାସ ନିମନ୍ତେ ବିନା ଦେୟ ତଥା ସ୍ୱଳ୍ପ ଦେୟରେ ସଂସ୍କୃତି ଭବନରେ ଥିବା କୋଠରୀ ପ୍ରଦାନ କରିବା ଭଳି ୮ ଦଫା ଦାବି ନେଇ ଶୁକ୍ରବାର ବ୍ରହ୍ମପୁରର ବିଭିନ୍ନ ନାଟ୍ୟାନୁଷ୍ଠାନ, ସାଂସ୍କୃତିକ ଅନୁଷ୍ଠାନ, କଳାକାର ସଂଘ ପକ୍ଷରୁ ରାଜ୍ୟ ପର୍ଯ୍ୟଟନ ଏବଂ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଶୁକ୍ରବାର ହିଲପାଟଣା ସଂସ୍କୃତି ଭବନ ପରିସରରେ କବିସୂର୍ଯ୍ୟ ବଳଦେବ ରଥଙ୍କ ପ୍ରତିମୂର୍ତ୍ତି ଲୋକାର୍ପଣ ଉତ୍ସବରେ ଯୋଗଦେବାକୁ ଆସିବା ଅବସରରେ ବିଭିନ୍ନ ସଂଗଠନ ପକ୍ଷରୁ ମନ୍ତ୍ରୀଙ୍କୁ ଏହି ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଆଗାମୀ ଦିନରେ ବ୍ରହ୍ମପୁର ତଥା ଗଞ୍ଜାମ ଜିଲାର ବିକାଶ ଦିଗରେ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି । ଦାବିପତ୍ର ପ୍ରଦାନ ବେଳେ ଓଡିଶା ନାଟକ ସମାରୋହ ସମିତି ସଭାପତି ଅନୀଲ କୁମାର ପାତ୍ରଙ୍କ ସମେତ ଶାଶ୍ୱତୀ ପ୍ରଗତିଶୀଳ ନାଟ୍ୟସଂସ୍ଥାର ସମ୍ପାଦକ ସୁନୀଲ କୁମାର ସ୍ୱାଇଁ, ମିହିର ତ୍ରିପାଠୀଙ୍କ ସମେତ ବିଭିନ୍ନ ସଂଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ବିପଦର ସାଥୀ ଅଟୋଚାଳକ ଗଗନ

**ବ୍ରହ୍ମପୁର ଅଫିସ,୧୭।୧**

ଆମେ ବିଭିନ୍ନ ସମୟରେ ଦେଖିବାକୁ ପାଉ କେତେକ ଲୋକ ଅନ୍ୟମାନଙ୍କ ଦୁଃଖ କଷ୍ଟର ମୁଖ୍ୟ କାରଣ ହୋଇଥାନ୍ତି । କିନ୍ତୁ ଦୁନିଆରେ ଏମିତି ବି କିଛି ଲୋକ ଅଛନ୍ତି ସେମାନେ ଅନ୍ୟର କଷ୍ଟ ଓ ଦୁଃଖକୁ ନିଜର ମନେକରି ସାହାଯ୍ୟର ହାତ ବଢ଼ାଇଥାନ୍ତି ।

ଏମିତି ଜଣେ ବ୍ୟକ୍ତି ହେଉଛନ୍ତି ବ୍ରହ୍ମପୁର ଗେଟ୍‌ବଜାର ସ୍ଥିତ ବୃନ୍ଦାବତୀନଗରର ଗଗନ କୁମାର ପାତ୍ର । ଗଗନ ବିଭିନ୍ନ ସମୟରେ ରାସ୍ତାରେ ଗର୍ଭବତୀ ଓ ଭିନ୍ନକ୍ଷମମାନଙ୍କୁ ନିଜ ଅଟୋରେ ମାଗଣାରେ ମେଡିକାଲ୍‌ରେ ପହଞ୍ଚାଇ ଆଜିର ଦୁନିଆରେ ଏକ ଉଦାହରଣ ସାଜିଛନ୍ତି । ଚାରି ବର୍ଷ ତଳେ ଗଗନ ବ୍ରହ୍ମପୁର ସହରରେ ଏହି ସେବା ଆରମ୍ଭ କରିଥିଲେ। ତାଙ୍କର ମୁଖ୍ୟ ଲକ୍ଷ୍ୟ ହେଉଛି କିପରି ଜଣେ ଗର୍ଭବତୀ ଠିକ୍ ସମୟରେ ଡାକ୍ତରଖାନରେ ପହଞ୍ଚି ପାରିବ। ସେ ଏପରି କରିବା ପଛର ମୁଖ୍ୟ କାରଣ ହେଉଛି, ୪ ବର୍ଷ ତଳେ ମଧ୍ୟରାତିରେ ଗଗନଙ୍କ ପୁଅ ଦେହ ହଠାତ୍ ଅସୁସ୍ଥ ହୋଇପଡିଥିଲା। କିନ୍ତୁ ପୁଅକୁ ଡାକ୍ତରଖାନା ଆଣିବା ପାଇଁ ସେହି ରାତିରେ ତାଙ୍କୁ କୌଣସି ଗାଡ଼ି କିମ୍ବା ଅଟୋ ମିଳି ନ ଥିଲା । ଫଳରେ ସେ ରାସ୍ତାକଡରେ ଠିଆ ହୋଇଥିବା ଗୋଟିଏ ଟ୍ରକ୍‌କୁ ନେହୁରା ହୋଇ ନିଜର ଦୁଃଖ ଜଣାଇଥିଲେ। ଫଳରେ ଉକ୍ତ ଟ୍ରକ୍ ମାଧ୍ୟମରେ ନିଜ ପୁଅକୁ ଡାକ୍ତରଖାନାକୁ ଆଣିଥିଲେ। କିଛି ଦିନ ପରେ ସେ ଗୋଟିଏ ପୁରୁଣା ଅଟୋ କିଣିଥିଲେ। ଯେ କୌଣସି ଡାକ୍ତରଖାନାକୁ ଆସୁଥିବା ଗର୍ଭବତୀ, ଭିନ୍ନକ୍ଷମ ଓ ବରିଷ୍ଠ ନାଗରିକମାନଙ୍କୁ ବିଭିନ୍ନ ସମୟରେ ମାଗଣାରେ ନିଜ ଅଟୋରେ ନେଇଥାନ୍ତି । ଯଦି କିଛି ଆବଶ୍ୟକ ପଡ଼େ ଟଙ୍କା ମଧ ଦେଇଥାନ୍ତି। ସେହି ବ୍ୟକ୍ତିମାନଙ୍କୁ ନିଜର ନମ୍ବର ଦେଇ କୁହନ୍ତି, ସକାଳ ୮ ଟା ଠାରୁ ରାତି ୯ଟା ପର୍ଯ୍ୟନ୍ତ ଆପଣଙ୍କର ଯଦି କୌଣସି ଆବଶ୍ୟକ ପଡେ ତେବେ ମୋତେ ଡାକନ୍ତୁ ମୁଁ ଆସିବି। ଗର୍ଭବତୀଙ୍କ ପାଇଁ ଭଡ଼ା ମାଗଣା ବୋଲି ସେ ତାଙ୍କର ଅଟୋ ପଛ ପଟେ ଲେଖିଥିବା ଦେଖିବାକୁ ମିଳିଛି। ଆଜି ପର୍ଯ୍ୟନ୍ତ ସେ ୯୦୦ରୁ ଊର୍ଦ୍ଧ୍ୱ



ଅଟୋ ଚାଳକ ଗଗନ ଓ ତାଙ୍କ ସାଥୀ ।

**ଗର୍ଭବତୀଙ୍କୁ ଯୋଗାନ୍ତି ମାଗଣା ସେବା**

ବ୍ୟକ୍ତିଙ୍କୁ ସାହାଯ୍ୟ କରିଥିବା କହିଛନ୍ତି । ଏହା ସହ ମୋର ମୃତ୍ୟୁପରେ ମୁଁ ମୋର ଶରୀରକୁ ଦାନ କରିବା ପାଇଁ ଚାହୁଁଛି। ତାଙ୍କର ଦୁଇ ପୁଅ ମଧ୍ୟରୁ ଜଣଙ୍କୁ ଡ଼ାକ୍ତର ଓ ଅନ୍ୟ ଜଣଙ୍କୁ ସନ୍ୟ ବାହିନୀରେ ଯୋଗଦେବାକୁ ଲକ୍ଷ୍ୟ ରଖିଛନ୍ତି। ଫଳରେ ସେମାନେ ସର୍ବଦା ଅନ୍ୟର ସେବାରେ ଲାଗିବେ। ବର୍ତ୍ତମାନ ତାଙ୍କ ସହିତ ଶଙ୍କର ପାଣିଗ୍ରାହୀ, ବାବୁଲା ପ୍ରଧାନ, ଶ୍ରୀ ସୁରି ଓ ଶ୍ୟାମ ସୁନ୍ଦର ସିଂ ମଧ ଏହି ସେବାରେ ଯୋଗ ଦେଇଛନ୍ତି । ଦୈନିକ ଭଡ଼ା ୪୦୦–୬୦୦ ଟଙ୍କା ହୋଇଥାଏ । ଫଳରେ ଏମାନଙ୍କୁ ଏହି ସେବା ସହ ପରିବାର ପ୍ରତିପୋଷଣ କରିବା କଷ୍ଟ ହେଉଛି। ତଥାପି ଆମେ କରିଚାଲିଛୁ ଯଦି ଆମକୁ ସରକାର କୌଣସିମତେ ସାହାଯ୍ୟ କରିଥାନ୍ତେ ତେବେ ଆମ୍ଭେମାନେ ଆଉ କିଛି ଅଧିକ ବ୍ୟକ୍ତିଙ୍କୁ ସାହାଯ୍ୟ କରିପାରନ୍ତୁ ବୋଲି ସେମାନେ କହିଛନ୍ତି ।

# ରାମାନନ୍ଦଙ୍କ ଜୟନ୍ତୀ ପାଳିତ


ରାମାନନ୍ଦଙ୍କ ଜୟନ୍ତୀରେ ଉପସ୍ଥିତ ମହନ୍ତ ।

**ବ୍ରହ୍ମପୁର ଅଫିସ୍,୧୭।୧**

ବ୍ରହ୍ମପୁରର ହନୁମାନ ବଜାରସ୍ଥିତ କସ୍ତୁରୀ ଦାସ ମଠ ମହନ୍ତ ଭଗବାନ ଦାସଙ୍କ ନେତୃତ୍ୱରେ ଶୁକ୍ରବାର ରାମାନନ୍ଦାଚାର୍ଯ୍ୟ ମହାରାଜାଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ଅଖିଳ ଭାରତୀୟ ରାମାନନ୍ଦ ସଂଘ ସଭାପତି ମହନ୍ତ ପରମାନନ୍ଦ ଦାସ ଯୋଗଦେଇ ରାମାନନ୍ଦାଚାର୍ଯ୍ୟଙ୍କ ଜୀବନୀ ଓ ଉପାସନା ସିଦ୍ଧାନ୍ତ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ପାରାୟଣ ଓ ହନୁମାନ ଚାଳିଶା ପାଠ କରାଯାଇଥିଲା। ଶେଷରେ ମାରୁତି ସତ୍‌ସଙ୍ଗ ସଭାପିତି ସହଦେବ ପାତ୍ର ଶାନ୍ତି ପାଠ କରିଥିଲେ। କାର୍ଯ୍ୟକ୍ରମରେ ମହନ୍ତ ହରିହର ଦାସ, ରାମଚରଣ ଦାସ, ଅଶୋକ ଦାସ, ଜୟରାମ ରାମାନୁଜ ଦାସ, ବାପି ସାହୁ, ଲକ୍ଷ୍ମଣ ଦୋରାଙ୍କ ସମେତ ବହୁ ମଠର ମହନ୍ତ ସହ ବହୁ ମହିଳା ଓ ପୁରୁଷ ଯୋଗ ଦେଇ ଥିଲେ ।

## ସଂକ୍ଷେପରେ

### ଗଞ୍ଜେଇ ଜବତ, ଜଣେ ଗିରଫ

ବ୍ରହ୍ମପୁର ଅଫିସ,୧୭।୧: ଶୁକ୍ରବାର ରାତି ୯ ଟା ବେଳେ ଗୋସାଣୀନୂଆଗାଁ ଥାନା ଅନ୍ତର୍ଗତ ରେଳ ଷ୍ଟେଶନ ନିକଟରୁ ପୋଲିସ ଜଣେ ଯୁବକକୁ ସନ୍ଦେହରେ ଅଟକ ରଖି ଜେରା ବେଳେ ତା ନିକଟରୁ ଗଞ୍ଜେଇ ଜବତ କରିଛି । ଗିରଫ ଯୁବକ ଜଣକ ମହମ୍ମଦ ଔରଙ୍ଗଜେବ। ତା ନିକଟରୁ ୧୫ କେଜି ଗଞ୍ଜେଇ ଜବତ କରାଯାଇଥିବା ଥାନା ଅଧିକାରୀ ସୁମିତ କୁମାର ସୋରେନ କହିଛନ୍ତି। ପୋଲିସ ତା ନିକଟରୁ ଟ୍ରେନ ଟିକେଟକୁ ମଧ ଜବତ କରିଛି । ପୋଲିସ କେସ ନଂ୬/୨୦ ରେ ଗିରଫ କରିଥିବା ବେଳେ ଶନିବାର କୋର୍ଟ ଚାଲାଣ କରାଯିବ। ଗଞ୍ଜେଇ ବ୍ରହ୍ମପୁର ରେଳଷ୍ଟେଶନରୁ ନୂଆଦିଲ୍ଲୀ ଚାଲାଣ ହେଉଥିବା ସୂଚନା ଦେଇଛି ପୋଲିସ ।

### ହିଞ୍ଜିଳିକାଟୁରେ ସୁରକ୍ଷା ସପ୍ତାହ ପାଳିତ

ହିଞ୍ଜିଳିକାଟୁ, ୧୭।୧(ଡ଼ି.ଏନ୍.ଏ.): ସଡ଼କ ସୁରକ୍ଷା ସପ୍ତାହ ପାଳନ ଗୁରୁବାର ହିଞ୍ଜିଳିକାଟୁରେ ପାଳିତ ହୋଇଯାଇଛି। ଜିଲା ଆରଟିଓ ଅଫିସ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମକୁ ହିଞ୍ଜିଳି ପୋଲିସ, ତ୍ରିରଙ୍ଗା ସେବା ସଂଘ ଓ ସ୍କୁଲ କଲେଜ ଛାତ୍ରୀଛାତ୍ରଙ୍କ ଦ୍ୱାରା ସହଯୋଗ କରାଯାଇଥିଲା। ବୃନ୍ଦାବନ ବିଦ୍ୟାପୀଠ ଜାତୀୟ ସମର ଶିକ୍ଷାର୍ଥୀ ବାହିନି, ଜୁନିୟର ରେଡ୍‌କ୍ରସ୍ ଓ ଅନ୍ୟ ଛାତ୍ରୀଛାତ୍ର ପ୍ଲାକାର୍ଡ଼ ଧରି ରାଲଇ କରିଥିଲେ। ବିଭିନ୍ନ ସ୍ଥାନରେ ରାସ୍ତାରେ ଯାଉଥିବା ଗାଡ଼ିମୋଟର ଚାଳକଙ୍କୁ ସଡ଼କ ସୁରକ୍ଷା ନେଇ ସଚେତନ ସହ ଗୋଲାପ ଫୁଲ ବଣ୍ଟନ କରାଯାଇଥିଲା। ପରେ କଲେଜ ଷ୍ଟାଡ଼ିୟମ ପରିସରରେ ଏକ ସଚେତନତା ସଭା ହୋଇଥିଲା। ଏଥିରେ ଛତ୍ରପୁର ଆରଟିଓ କେ. ଭେଙ୍କେଟଶ, ବ୍ଲକ ଅଧକ୍ଷ ଏନ. ରଘୁନାଥ,ତହସିଲଦାର ଗୋପୀନାଥ କୁଅଁର, ନିର୍ବାହୀ ଅଧିକାରୀ ଡ଼. ମନୋରଞ୍ଜନ ସାହୁ, ବିଡ଼ିଓ ପ୍ରସନ୍ନ କୁମାର ପାତ୍ର , କଲେଜ ଅଧକ୍ଷ ଡ଼. ଅଜିତ କୁମାର ମିଶ୍ର, ସରକାରୀ ବୃନ୍ଦାବନ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ମୁନି, ଆଇଆଇସି ଅଭିମନ୍ୟୁ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ । ସଡ଼କ ସୁରକ୍ଷା ନିୟମ ପାଳନ ନେଇ ଉପସ୍ଥିତ ବ୍ୟକ୍ତି ଶପଥ ପାଠ କରିଥିଲେ। ନୀଳମଣି ପଟ୍ଟନାୟକ, ସଞ୍ଜୟ କୁମାର ପଣ୍ଡା, ରଞ୍ଜନ ସାହୁ, କୋରାମଣି ରାଉଳ, ସୁଶାନ୍ତ ପ୍ରଧାନ ଓ ରିଙ୍କୁ ପଣ୍ଡା ପ୍ରମୁଖଙ୍କ ସହ ଥାନା କର୍ମଚାରୀ ଓ ସ୍ୱେଚ୍ଛାସେବୀ ପରିଚାଳନାରେ ସହଯୋଗ କରିଥିଲେ ।

> ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ବିଏମ୍‌ସି ଅବସରପ୍ରାପ୍ତ କର୍ମଚାରୀ ପାଇବେ ପେନସନ

ବ୍ରହ୍ମପୁର ଅଫିସ,୧୭।୧

ବ୍ରହ୍ମପୁର ମହାନଗର ନିଗମ ଅବସରପ୍ରାପ୍ତ କର୍ମଚାରୀ ସପ୍ତମ ବେତନ କମିଶନ ସୁପାରିସ ଅନୁସାର ପାଇବେ ପେନ୍‌ସନ। ରାଜ୍ୟ ସରକାରଙ୍କ ମଞ୍ଜୁରୀପତ୍ର ବିଏମ୍‌ସିରେ ପହଞ୍ଚିଛି ଓ ଚଳିତ ମାସରୁ ଲାଗୁ ହେବା ଜଣାପଡ଼ିଛି। ଏହାଦ୍ୱାରା ପ୍ରାୟ ୬ ଶହ ପେନ୍‌ସନଭୋଗୀ ଉପକୃତ ହେବେ। ବର୍ତ୍ତମାନ ପାଉଥିବା ମୂଳ ପେନ୍‌ସନର ୨.୫୭% ଅଧିକ ମିଳିବ। ସରକାରଙ୍କ ଏହି ନିଷ୍ପତ୍ତିକୁ ମହାନଗର ନିଗମ ଅବସରପ୍ରାପ୍ତ କର୍ମଚାରୀ ସଂଘ ସ୍ୱାଗତ କରିଛି।

ସୂଚନାଯୋଗ୍ୟ, ବିଏମ୍‌ସିର ସ୍ଥାୟୀ କର୍ମଚାରୀମାନେ ପୂର୍ବରୁ ସପ୍ତମ ବେତନ କମିଶନ ସୁପାରିସ ଅନୁସାରେ ପାଉଥିଲେ ବର୍ଦ୍ଧିତ ଦରମା । ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ମନୋହର ପାତ୍ର କହିଛନ୍ତି, ୨୦୧୬ ଜାନୁୟାରୀରୁ ସପ୍ତମ ବେତନ କମିଶନ ସୁପାରିସ ଲାଗୁ ହୋଇଛି। ତେବେ ବିଏମ୍‌ସିରେ ଏହା କାର୍ଯ୍ୟକାରୀ ହୋଇ ନ ଥିଲା। ଗତବର୍ଷ ମାର୍ଚ୍ଚରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ବ୍ରହ୍ମପୁର ଆସିଥିଲେ। ଆୟୋଜିତ ସମାବେଶରେ ପୌର କର୍ମଚାରୀଙ୍କୁ ସପ୍ତମ ବେତନ ପ୍ରକାରେ ବର୍ଦ୍ଧିତ ଦରମା ଦିଆଯିବାକୁ ଘୋଷଣା

**ସପ୍ତମ ବେତନ କମିଶନ ସୁପାରିସ**

କରିଥିଲେ। ଫଳରେ ରାଜ୍ୟର ହଜାର ହଜାର ପୌର କର୍ମଚାରୀ ଉପକୃତ ହୋଇଥିଲେ। ତେବେ ଅବସରପ୍ରାପ୍ତ କର୍ମଚାରୀ ବାଦ ପଡ଼ିଥିଲେ। ବିଳମ୍ବରେ ପେନ୍‌ସନ ଭୋଗୀ କର୍ମଚାରୀଙ୍କ ପାଇଁ ସରକାର ମଞ୍ଜୁର କରିଛନ୍ତି। ଗତ ୧୫ ମାସ ହେବ ବିଏମ୍‌ସି ନିର୍ବାଚିତ ପରିଷଦର କାର୍ଯ୍ୟକାଳ ପୂରିଯାଇଛି। ଗଞ୍ଜାମ ଜିଲାପାଳ ପ୍ରଶାସକ ଭାବେ ଅତିରିକ୍ତ ଦାୟିତ୍ୱରେ ଅବସ୍ଥାପିତ ହୋଇଛନ୍ତି। କର୍ପୋରେଶନ ବା କାଉନସିଲ ବୈଠକ ଅଧିକାରୀମାନଙ୍କୁ ନେଇ ଅନୁଷ୍ଠିତ ହେଉଛି। ସରକାରୀ ନିର୍ଦ୍ଦେଶ ପ୍ରକାରେ ବର୍ଦ୍ଧିତ ହାରରେ ପେନସନ ପ୍ରଦାନ ପାଇଁ କାଉନସିଲ ବୈଠକରେ ଅନୁମୋଦିତ ହେବାର ବିଧି ରହିଛି। ଆଗାମୀ ବୈଠକରେ ଏହା ଉପସ୍ଥାପିତ ହେବ। ତେବେ ଚଳିତ ମାସରୁ ବର୍ଦ୍ଧିତ ପେନ୍‌ସନ ଦିଆଯିବାର ବିଏମ୍‌ସି କର୍ତ୍ତୃପକ୍ଷ ଆଶ୍ୱସନା ଦେଇଥିବା ସଂଘ ସଭାପତି ସୂଚାଇଛନ୍ତି। ଗତ ୪ ବର୍ଷର ବକେୟା ପ୍ରାପ୍ୟ ମଧ ପର୍ଯ୍ୟାୟକ୍ରମେ ମିଳିବ। ତେବେ ତାହା ମଧ ତୁରନ୍ତ ପ୍ରଦାନ ପାଇଁ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ସଂଘ ସଭାପତି ପାତ୍ର ଦାବି କରିଛନ୍ତି।

# ଗୁଣାତ୍ମକ ଶିକ୍ଷା ପାଇଁ ସମସ୍ତେ ଯତ୍ନବାନ ହେବା ଉଚିତ



ମଞ୍ଚାସୀନ ଅତିଥି।

ଗଞ୍ଜାମ,୧୭।୧(ଡି.ଏନ.ଏ.)

**ଆଦର୍ଶ ବିଦ୍ୟାଳୟର ବାର୍ଷିକୋତ୍ସବ**

ଗଞ୍ଜାମ ବ୍ଲକ ସୁବଳୟା ପଞ୍ଚାୟତ ଶତ୍ରୁଶୋଲ ଗ୍ରାମରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଶୁକ୍ରବାର ଦ୍ୱିତୀୟ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଯୋଗଦେଇ ବିଦ୍ୟାଳୟଗୁଡ଼ିକରେ ଗୁଣାତ୍ମକ ଶିକ୍ଷା ପାଇଁ ସମସ୍ତେ ଯତ୍ନବାନ ହେବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ଗ୍ରାସୀମ ଇଣ୍ଡଷ୍ଟ୍ରିଜ ଡିଜିଏମ୍ ରବୀନ୍ଦ୍ର କୁମାର ମାହାନ୍ତି, ପୂର୍ବତନ ସରପଞ୍ଚ କେଦାର ସ୍ୱାଇଁ, ବିଇଓ ସୁବାସ ଚନ୍ଦ୍ର ଘଡ଼ାଇ, ଏବିଇଓ ବିଜୟ ଚନ୍ଦ୍ର ବେହେରା, ଜଗନ୍ନାଥ ସାବତ, ସୁରଥ ପାହାନ, ସ୍କୁଲ ଅଧକ୍ଷ ପ୍ରମୋଦ କୁମାର ଓଝା ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲା ଶିକ୍ଷାଧିକାରୀ ସନାତନ ପଣ୍ଡା ଓ ତହସିଲଦାର ଅବନୀ କୁମାର ସାହୁ ସଭା ବିଳମ୍ବ ହେବା ଜାଣି ଫେରିଯାଇଥିଲେ। ନିର୍ଦ୍ଧାରିତ ସମୟଠାରୁ କାର୍ଯ୍ୟକ୍ରମ ବହୁ ବିଳମ୍ବରେ ଆରମ୍ଭ ହୋଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏ ସମ୍ପର୍କରେ ସ୍କୁଲ ଅଧକ୍ଷ ପ୍ରମୋଦ କୁମାର ଓଝାଙ୍କୁ ପଚାରିବାରୁ ବିଳମ୍ବ ହୋଇଥିବା ସ୍ୱୀକାର କରିବା ସହ ତହସିଲଦାର ଓ ଡିଇଓଙ୍କ କାର୍ଯ୍ୟ ବ୍ୟସ୍ତତା ହେତୁ କିଛି ସମୟ ଛାତ୍ରୀଛାତ୍ରଙ୍କ ଗହଣରେ ରହି ଫେରି ଯାଇଥିଲେ ବୋଲି ସେ କହିଛନ୍ତି।

# 'ପୁଣ୍ୟ ଫଳମ୍'ରେ ମାତାପିତାଙ୍କ ଦୁର୍ଦ୍ଦଶା କାହାଣୀ

ବ୍ରହ୍ମପୁର ଅଫିସ,୧୭।୧

ଯୁଗ ପରିବର୍ତ୍ତନ ସହ ବଦଳିଛି ମାତାପିତା ପୁତ୍ରଙ୍କ ମଧର ସମ୍ପର୍କ । ଆଧୁନିକତାର ଛାପ, ବିଳାସ ବ୍ୟସନ ଜୀବନ ଶୈଳୀ, ଅର୍ଥ ଲୋଭରେ ଅଶାନ୍ତ ହୋଇ ସନ୍ତାନଟି ଭୂଲି ଯାଉଛି ମାତାପିତାଙ୍କ ପ୍ରତି ରହିଥିବା ତାର ଦାୟିତ୍ୱକୁ। ଭୁଲିଯାଉଛି ମାତାପିତାଙ୍କ ତ୍ୟାଗ, ବଳିଦାନକୁ। ନିଜର ସୁଖ ସ୍ୱାଚ୍ଛନ୍ଦ୍ୟ,

**ନାଟକ ମହୋତ୍ସବ ଉଦ୍‌ଯାପିତ**

ସ୍ୱାର୍ଥ ପାଇଁ ବୃଦ୍ଧାବସ୍ଥାରେ ଉପନୀତ ମାତାପିତାଙ୍କୁ ନିଜ ଭିଟାମାଟିରୁ ବେଦଖଲ କରିବାକୁ ମଧ ପଛାଉ ନାହାନ୍ତି। ଆଧୁନିକ ସମାଜର ମାତାପିତାଙ୍କ ଏଭଳି ଏକ ଦୁର୍ଦ୍ଦଶା, ଦୁଃଖପୂର୍ଣ୍ଣ କାହାଣୀକୁ ନେଇ ଶୁକ୍ରବାର ପ୍ରଥମ ଜାତୀୟସ୍ତରୀୟ ତଥା ୧୨ତମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ଅନ୍ତିମ ରଜନୀରେ ମଞ୍ଚସ୍ଥ ହୋଇଥିଲା ତେଲୁଗୁ ନାଟକ 'ପୁଣ୍ୟ ଫଳମ୍' । ଆନ୍ଧ୍ରପ୍ରଦେଶର ଜି.କେ. କଳା କ୍ରିଏସନର କଳାକାରଙ୍କ ଦ୍ୱାରା ପରିବେଶିତ ଏହି ନାଟକରେ ଜୀବନସାରା ଶିକ୍ଷକ ଭାବେ ଶହ ଶହ ଛାତ୍ରୀଛାତ୍ରଙ୍କୁ ସତ ମାର୍ଗ ପ୍ରଦର୍ଶନ କରି ଆସିଥିବା ମଣିଷଟି କିଭଳି ନିଜେ ସନ୍ତାନଙ୍କ ଦ୍ୱାରା ଦର୍ଦ୍ଦଶା ଭୋଗ କରୁଛନ୍ତି ତାହା ପ୍ରତିଫଳିତ ହୋଇଛି। ନାଟକଟିର ରଚନା ଏ. ଶିବ ନାରାୟଣ କରଥିବା ବେଳେ ନିର୍ଦ୍ଦେଶନା ଦେଇଛନ୍ତି ଜି. କ୍ରିଷ୍ଣାମୂର୍ତ୍ତି । ଓଡିଶା ନାଟକ


ତେଲୁଗୁ ନାଟକ ପୁଣ୍ୟ ଫଳମ୍‌ର ଏକ ଦୃଶ୍ୟ ।

ସମାରୋହ ସମିତି ପକ୍ଷରୁ ହିଲପାଟଣା ବିଜୁ ପଟ୍ଟନାୟକ ସଂସ୍କୃତି ଭବନ ପରିସରରେ ଆୟୋଜିତ ପ୍ରଥମ ଜାତୀୟସ୍ତରୀୟ ତଥା ୧୨ତମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ଅନ୍ତିମ ରଜନୀକୁ ଓଡିଶା ପର୍ଯ୍ୟଟନ ଏବଂ ଓଡିଆ ଭାଷା, ସାହିତ୍ୟ , ସଂସ୍କୃତି ବିଭାଗ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ପୂର୍ବତନ ବିଡିଏ ଅଧକ୍ଷ ସୁବାସ ଚନ୍ଦ୍ର ମହାରଣା ମଞ୍ଚାସୀନ ଥିଲେ । ଅନୁଷ୍ଠାନ ସାଧାରଣ ସମ୍ପାଦକ ମିହିର କୁମାର ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସଭାପତି ଅନିଲ କୁମାର ପାତ୍ର ସଭାପତିତ୍ୱ କରିଥିଲେ । ସମ୍ପାଦକ ଶଙ୍କର୍ଷଣ ସାବତ ଧନ୍ୟବାଦ ଦେଇଥିଲେ । ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।

# ଓଡିଆ ସାହିତ୍ୟ ବିଭାଗ ବାର୍ଷିକ ଉତ୍ସବ

ଚିକିଟି,୧୭।୧(ଡି.ଏନ.ଏ.)

ଗଞ୍ଜାମ ଜିଲା ଚିକିଟିଗଡ ମହାବିଦ୍ୟାଳୟରେ ଓଡିଆ ସାହିତ୍ୟ ବିଭାଗ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଡ. ବିଚିତ୍ର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭାଷାବିତ୍ ତଥା ପ୍ରାକ୍ତନ ପ୍ରାଧ୍ୟାପକ ଡ. ବାଇଲଡୁ ପାଣିଗ୍ରାହୀ ଯୋଗଦେଇ ମଣିଷ ହୃଦୟର ଆବେଗ, ଭାଷା, ଭାବନା, ଚିନ୍ତନ ହିଁ ସାହିତ୍ୟର ମାନଦଣ୍ଡ । ଏହାକୁ ଲୋକଲୋଚନକୁ ଆଣିବାକୁ ହେଲେ ମଣିଷର ଅନ୍ତର୍ନିହିତ ଗୁଣକୁ ପରିପ୍ରକାଶ କରିହୁଏ । ଏଣୁ ସାହିତ୍ୟ ଏକ ମଣିଷ ଜୀବନର ଦର୍ଶନ ଓ ତାର ଜୀବନ ଜୀବିକାର ମାପକାଠି ହୋଇଥାଏ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଅଲେଖ ଚନ୍ଦ୍ର ପ୍ରଧାନ ଯୋଗଦେଇ ଉପାନ୍ତ ଅଞ୍ଚଳରେ ସାହିତ୍ୟର ବିକାଶ ପାଇଁ ଯୁବପିଢ଼ିଙ୍କ ଭାବଧାରା ନିତାନ୍ତ ଆବଶ୍ୟକ ବୋଲି କହିଥିଲେ । ବିଭାଗୀୟ ମୁଖ୍ୟ ତଥା ଉପଦେଷ୍ଟା ଡ. ପ୍ରଶାନ୍ତ କୁମାର ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଡ. ବିଶ୍ୱନାଥ ପାଣିଗ୍ରାହୀ ବାର୍ଷିକ ବିବରଣୀ ପାଠ କରିଥିଲେ । ଓଡିଆ ସାହିତ୍ୟ ସମାଜ ପକ୍ଷରୁ ଡ ବାଇଲଡୁ ପାଣିଗ୍ରାହୀଙ୍କୁ ଉପଢ଼ୌକନ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧରେ ହୋଇଥିବା ପ୍ରତିଯୋଗିତାର କୃତୀ ପ୍ରତିଯୋଗିମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା । ସହ ଉପଦେଷ୍ଟା ଡ. ସଞ୍ଜୟ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମ ସମସ୍ତ କର୍ମଚାରୀ ଏବଂ ବିଭାଗର ଛାତ୍ରୀଛାତ୍ରମାନେ ଉପସ୍ଥିତ ରହି ପରିଚାଳନା କରିଥିଲେ ।

# ଚେୟାରମ୍ୟାନ କପ୍ ବକ୍ତୃତା ପ୍ରତିଯୋଗିତା

ବ୍ରହ୍ମପୁର ଅଫିସ, ୧୭।୧

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଆନୁକୂଲ୍ୟରେ ଚେୟାରମ୍ୟାନ କପ ବକ୍ତୃତା ପ୍ରତିଯୋଗିତା ସ୍ଥାନୀୟ ଏସ୍‌ବିଆର ମହିଳା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛ। ଡ. କାହ୍ନୁଚରଣ ପାଢ଼ୀଙ୍କ ସଂଯୋଜନାରେ ଦକ୍ଷିଣାଞ୍ଚଳସ୍ତରୀୟ ଏହି ପ୍ରତିଯୋଗିତାରେ ମହିଳା ମହାବିଦ୍ୟାଳୟ ଅଧକ୍ଷା ଡ. ସଙ୍ଗୀତା ବାବୁ ଓ ପରିଷଦର ଦକ୍ଷିଣାଞ୍ଚଳ ଉପସଚିବ ଡ. କୁଳମଣି ଓଝା ଯୋଗଦେଇ ପ୍ରତିଯୋଗିତାକୁ ଶୁଭାରମ୍ଭ କରିଥିଲେ। ପ୍ରତିଯୋଗିତାରେ ଦକ୍ଷିଣାଞ୍ଚଳ ଅଧୀନସ୍ଥ ୮ ଜିଲାର ବିଭିନ୍ନ କନିଷ୍ଠ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଚାଳିଶରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

"ମୋବାଇଲ ଫୋନ ବ୍ୟବହାର ସୃଜନଶୀଳତାକୁ ନଷ୍ଟ କରୁଛି କି " ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ବିଚାରକ ଭାବେ ଡ. କାହ୍ନୁଚରଣ ପାଢ଼ୀ, ଅଧାପିକା ସୁରେଖା ଛତ୍ରିଆ ଓ ଡ. ରାଧାକାନ୍ତ ପଣ୍ଡା। "କ୍ୟା ସ୍କୁଲୋ ମେଁ ଲାଇବ୍ରେରୀ ସେ ଜାଦା ଖେଲନେ କା ମୈଦାନ ଜାଦା ଜରୁରୀ ହୈ " ଶୀର୍ଷକ ହିନ୍ଦୀ ବକ୍ତୃତା ପ୍ରତିଯୋଗିତାରେ ଡ. ଚିତ୍ତରଞ୍ଜନ ଶତପଥୀ, ଡ. ଭାରତଶ୍ରୀଭ ଦାଶ ଓ ଡ. ଅର୍ଜୁନ ନାୟକ ବିଚାରକ ଭାବେ ଯୋଗଦେଇଥିଲେ। "ଡଜ ଡେଥ ପେନାଲଟି ଡିଜର୍ଭ ଏ ପ୍ଲେସ ଇନ ସିଭିଲାଇଜଡ଼ ସୋସାଇଟି "ଶୀର୍ଷକ ଇଂଲିଶ ବକ୍ତୃତା ପ୍ରତିଯୋଗିତାରେ ଡ. ମହେନ୍ଦ୍ର ମିଶ୍ର, ଡ. ସୁଧାକର ଦାଶ ଓ ଅଧାପକ ନାରାୟଣ ବେହେରା ବିଚାରକ ଥିଲେ ।

ଓଡ଼ିଆ ବକ୍ତୃତା ପ୍ରତିଯୋଗିତାରେ ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟା ମନ୍ଦିର ଛାତ୍ର ବିଭୁପ୍ରସାଦ ତ୍ରିପାଠୀ ପ୍ରଥମ, ଗଜପତି ଜିଲା ଚାନ୍ଦିପୁଟ ଇନ୍ଦିରା ସ୍ମାରକୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ର ସିଦ୍ଧାନ୍ତ ଗୌଡ଼ ଦିତୀୟ ଓ ଖଲ୍ଲିକୋଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ର ପ୍ରଦ୍ୟୁମ୍ନ ପାଢ଼ୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ହିନ୍ଦୀ ବକ୍ତୃତା ପ୍ରତିଯୋଗିତାରେ ନୀଳକଣ୍ଠନଗର ବିଦ୍ୟା ମନ୍ଦିରର ୩ ଛାତ୍ରଛାତ୍ରୀ ଅଂଶୁମାନ ପାତ୍ର, ବିଭୁପ୍ରସାଦ ତ୍ରିପାଠୀ ଓ ଗାୟତ୍ରୀ ପାଢ଼ୀ ଯଥାକ୍ରମେ ପ୍ରଥମ, ଦିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଇଂଲିଶ ବକ୍ତୃତା ପ୍ରତିଯୋଗିତାରେ ଏସ୍‌ବିଆର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କାଞ୍ଚନ ଦିଗଲ ଓ ଅନନ୍ୟା ଅନିନ୍ଦିତା ଜେନା ଯଥାକ୍ରମେ ପ୍ରଥମ, ଦିତୀୟ ହୋଇଥିବା ବେଳେ ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟା ମନ୍ଦିର ଛାତ୍ରୀ ମାନସୀ ସାମଲ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି ଜୋନସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ଯୋଗ୍ୟ ବିବେଚିତ ସମସ୍ତ ୯ ଜଣ ପ୍ରତିଯୋଗୀ ଆସନ୍ତା ୨୪ତାରିଖରେ ଭୁବନେଶ୍ୱରରେ ହେବାକୁ ଥିବା ଫାଇନାଲ ରାଉଣ୍ଡ ବକ୍ତୃତା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଉପସଚିବ ଡ. ଓଝା ସୂଚିତ କରିଛନ୍ତି।

# ପୀଡ଼ିତାଙ୍କୁ ସହାୟତା, ସୁରକ୍ଷା ନେଇ ଏସ୍‌ପିଙ୍କୁ ଫେରାଦ

ବ୍ରହ୍ମପୁର ଅଫିସ,୧୭।୧

ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଅଞ୍ଚଳରେ ରହୁଥିବା ଜଣେ ପୀଡ଼ିତାଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ଭାଜପା ଜିଲା ମହିଳା ସାଧାରଣ ସମ୍ପାଦିକା ମୀନା ଦ୍ୟାନସାମନ୍ତରା ଓ ଯୁବମୋର୍ଚ୍ଚା ଉପସଭାପତି ପ୍ରିୟରଞ୍ଜନ ବେହେରାଙ୍କ ସମେତ ଗ୍ରାମବାସୀ ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ରଙ୍କ ନିକଟରେ ଶୁକ୍ରବାର ଫେରାଦ ହୋଇଥିଲେ। ଏ ସମ୍ପର୍କରେ ଏସ୍‌ପି କହିଥିଲେ, ବର୍ତ୍ତମାନ ପୀଡ଼ିତା ଓ ତାଙ୍କ ପରିବାରବର୍ଗଙ୍କୁ ସୁରକ୍ଷା ଦିଆଯାଉଛି। ଏପରିକି ତାଙ୍କ ସ୍ୱାସ୍ଥ୍ୟଗତ ଚିକିତ୍ସା ଖର୍ଚ୍ଚ ସରକାର ବହନ କରିବେ। ସେହିପରି ପୀଡ଼ିତାଙ୍କ ଶିକ୍ଷା ବାବଦକୁ ସହାୟତା ଯୋଗାଇ ଦିଆଯିବ ବୋଲି ଏସ୍‌ପି ପ୍ରତିଶ୍ରୁତି ଦେଇଛନ୍ତି। ପୀଡ଼ିତାଙ୍କ ଆର୍ଥିକ ସହାୟତା ନେଇ ରାଜ୍ୟ ସରକାରଙ୍କୁ ଜଣାଇ ଦିଆଯାଇଛି ବୋଲି ସେ କହିଛନ୍ତି। ପୋଲିସ ଏହି ଘଟଣାରେ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏବେବି ତଦନ୍ତ ଜାରି ରହିଛି। ତଦନ୍ତ ବେଳେ ଏଥିରେ ଯେଉଁମାନେ ସମ୍ପୃକ୍ତ ଥିବେ ସେମାନଙ୍କୁ ମଧ ଗିରଫ କରାଯିବ ବୋଲି ସେ କହିଥିଲେ।

# ଖେମୁଣ୍ଡି କଲେଜ ଟିମ୍ ବିଜୟୀ

ଦିଗପହଣ୍ଡି,୧୭।୧(ଡି.ଏନ.ଏ.)

**ସିଦ୍ଧି ବିନାୟକ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ**

ଦିଗପହଣ୍ଡି ବ୍ଲକ କୁଶପଡା କମାପଡିଆରେ ଶୁକ୍ରବାର ସିଦ୍ଧିବିନାୟକ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ସିଦ୍ଧି ବିନାୟକ କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ଟୁର୍ନାମେଣ୍ଟକୁ ବ୍ଲକ ଅଧକ୍ଷ ବିପିନ ଚନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ବ୍ଲକ ଉପଧକ୍ଷା ପ୍ରତିନିଧି ଏମ୍.ନିରଞ୍ଜନ ରେଡ୍ଡୀ, ସରପଞ୍ଚ ପ୍ରତିନିଧି ଏସ୍. ଗାନ୍ଧୀ ଦୋରା, ଗୋକର୍ଣ୍ଣପୁର ସେବା ସମବାୟ ସମିତି ସଭାପତି ଅସିତ କୁମାର ସାହୁ, ଜିଲା ପରିଷଦ ସଦସ୍ୟ କୃଷ୍ଣ ଚନ୍ଦ୍ର ସେଠୀ, ସାମାଜିକ କର୍ମୀ ଏମ.ବାଲାଜୀ ରେଡ୍ଡୀ, ପ୍ରସନ୍ନ କୁମାର ପତି, ଜି.ସନ୍ତୋଷ ଦୋରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ମ୍ୟାଚରେ ଖେମୁଣ୍ଡି କଲେଜ କ୍ରିକେଟ ଟିମ୍ ପ୍ରତିପକ୍ଷ କେଦାରପୁର ଗ୍ରାମ କ୍ରିକେଟ ଟିମ୍‌କୁ ପରାଜିତ କରି ପରବର୍ତ୍ତୀ ମ୍ୟାଚକୁ ଉନ୍ନୀତ ହୋଇଥିବା ଜଣାପଡିଛି। ଟସ୍ ଜିତି କେଦାରପୁର ଟିମ୍ ବୋଲିଂ ପାଇଁ ନିଷ୍ପତ୍ତି ନେଇଥିବା ବେଳେ ପ୍ରଥମେ ବ୍ୟାଟିଂ କରି ଖେମୁଣ୍ଡି କଲେଜ ଟିମ୍ ନିର୍ଦ୍ଧାରିତ ୧୨ ଓଭରରେ ୭ ଉଇକେଟ ହରାଇ ୧୨୮ ରନ ହାସଲ କରିଥିଲା। ଜବାବରେ ପ୍ରତିପକ୍ଷ କେଦାରପୁର ଟିମ୍ ୧୧.୧ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୮୫ ରନ କରି ପରାସ୍ତ ହୋଇଥିଲେ। ଖେମୁଣ୍ଡି କଲେଜର ବିନୟ ନାୟକଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ଟୁର୍ନାମେଣ୍ଟ ଆୟୋଜକ କମିଟି କାର୍ଯ୍ୟକର୍ତ୍ତା ଅକ୍ଷୟ ସାହୁ, ଲବ ସେଠୀ, ବିକ୍ରମ ମହାରଣା, ଏସ୍.ରବି ଦୋରା ଓ ଅଶ୍ୱିନୀ ସାହୁ ପ୍ରମୁଖ ଉଦ୍‌ଘାଟନୀ ଉତ୍ସବକୁ ପରିଚାଳନା କରିଥିବା ବେଳେ ଧର୍ମେନ୍ଦ୍ର ଦୋରା, ଚିତ୍ରସେନ ଦୋରା, ଅଚ୍ୟୁତ ଗୌଡ, ଆକାଶ ବାଡତ୍ୟାଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ପରିଚାଳନାରେ ସହାୟତା କରିଥିଲେ।


ମୁଖ୍ୟ ଅତିଥିଙ୍କ ଦ୍ୱାରା ଟୁର୍ନାମେଣ୍ଟ ଉଦ୍‌ଘାଟନ କରାଯାଉଛି।

# ୨୦୧୯ ସୁଦ୍ଧା ୭୩୩ ଦୁର୍ଘଟଣା, ୩୮୫ ଜଣଙ୍କ ମୃତ୍ୟୁ

ବ୍ରହ୍ମପୁର ଅଫିସ,୧୭।୧



ଉପସ୍ଥିତ ଅଧିକାରୀବୃନ୍ଦ।

ବ୍ରହ୍ମପୁର ଟ୍ରାଫିକ ପୋଲିସ ଓ ଜିଲା ସଡକ ସୁରକ୍ଷା ସମିତି ପକ୍ଷରୁ ୩୧ତମ ଜାତୀୟ ସଡକ ସୁରକ୍ଷା ସପ୍ତାହ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଗତ ୧୧ ତାରିଖରୁ ବ୍ରହ୍ମପୁର ଟ୍ରାଫିକ ପୋଲିସ ଓ ସଡକ ସୁରକ୍ଷା ସମିତି ପକ୍ଷରୁ ଗଞ୍ଜାମ ଜିଲା ସମେତ ବ୍ରହ୍ମପୁର ସହରର ବିଭିନ୍ନ ସ୍ଥାନରେ ଟ୍ରାଫିକ ସଚେତନତାର ବାର୍ତ୍ତା ଦିଆଯାଇଥିଲା। ଉଦ୍‌ଯାପନୀ ଦିବସରେ ସ୍ଥାନୀୟ ପୁରୁଣା ବସ୍‌ଷ୍ଟାଣ୍ଡରେ ଟ୍ରାଫିକ ପୋଲିସ ପକ୍ଷରୁ ଏକ ସାଧାରଣ ସଭାରେ ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେ ଉପସ୍ଥିତ ଛାତ୍ରୀଛାତ୍ର ଓ ସାଧାରଣ ଜନତାଙ୍କୁ ଗାଡି ଚଳାଇବା ସମୟରେ ହେଲ୍‌ମେଟ ପିନ୍ଧିବା ସହିତ ଟ୍ରାଫିକ ନିୟମ ପାଳନ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟ୍ରାଫିକ୍ ଡିଏସ୍‌ପି ସାର୍ଥକ ରାୟ ଅଧକ୍ଷତା କରିଥିବା ବେଳେ ଏଏସ୍‌ପି ପ୍ରଭାତ ରାଉତରାୟ, ପ୍ରଶାନ୍ତ କୁମାର ମିଶ୍ର, ସଦର ଏସ୍‌ଡିପିଓ ଜୟନ୍ତ ମହାପାତ୍ରଙ୍କ ସମେତ ବହୁ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ସେହିପରି ସ୍ଥାନୀୟ ଡାଇମଣ୍ଡ ଜୁବିଲି ହଲରେ ଜିଲା ସଡକ ସୁରକ୍ଷା ସମିତି ପକ୍ଷରୁ ଆୟୋଜିତ ଉଦ୍‌ଯାପନୀ ଦିବସରେ ଗଞ୍ଜାମ ଏସ୍‌ପି ବ୍ରିଜେଶ ରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିନ୍ଦୀ ଚଳଚ୍ଚିତ୍ର ଅଭିନେତା ଅମିତାଭ ବଚ୍ଚନଙ୍କ ମୁକଦର କା ସିକନ୍ଦର ଚଳଚ୍ଚିତ୍ରରେ ବିନା ହେଲମେଟରେ ଗାଡି ଚଳାଉଥିବା ଉଦାହରଣ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ଯୋଗଦେଇ ସଡକ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ଏବେ ମହାମାରୀ ରୂପ ନେଇଛି। ଗାଡି ଚଳାଇବା ସମୟରେ ବିଭିନ୍ନ ଟ୍ରାଫିକ ନିୟମ ପାଳନ କରିବା ଜରୁରୀ ବୋଲି ସେ କହିଛନ୍ତି। ଏଥିରେ ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ସଞ୍ଜୟ ବିଶ୍ୱାଳ ଅଧକ୍ଷତା କରିଥିବା

**ସଡ଼କ ସୁରକ୍ଷା ସପ୍ତାହ ଉଦ୍‌ଯାପିତ**

ବେଳେ ମୁଖ୍ୟବକ୍ତା ଭାବେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଡ଼.ଲକ୍ଷ୍ମୀକାନ୍ତ ତ୍ରିପାଠୀ ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ରଙ୍କ ଆଗାମୀ ଭବିଷ୍ୟତର ଗାଡି ଚାଳକ ଭାବେ ସମସ୍ତ ଟ୍ରାଫିକ ନିୟମ ମାନିବାକୁ ପରାମର୍ଶ ଦେଇଥିଲେ। ସେହିପରି ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଶାନ୍ତନୁ ପରିଡା ଉପସ୍ଥିତ ଥିଲେ। ଏହି ଅବସରରେ ୮ କନଷ୍ଟେବଲ ଓ ୨ ଜଣ ହାବିଲଦାରଙ୍କୁ ଟ୍ରାଫିକ ସଚେତନତା କ୍ଷେତ୍ରରେ ପାରଦର୍ଶିତା ପାଇଁ ଓ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟ ଅନୁଯାୟୀ, ଗଞ୍ଜାମ ଜିଲାରେ ୨୦୧୮ ତୁଳନାରେ ୨୦୧୯ରେ ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟା ସାମାନ୍ୟ କମିଛି। ୨୦୧୮ରେ ୭୩୮ ଦୁର୍ଘଟଣା ଘଟିଥିବା ବେଳେ ୩୮୯ ଜଣଙ୍କର ମୃତ୍ୟୁ ଘଟିଛି । ୪୮୯ ଜଣ ଆହତ ହୋଇଛନ୍ତି। ସେହିପରି ୨୦୧୯ରେ ୭୩୩ ଦୁର୍ଘଟଣା ଘଟିଥିବା ବେଳେ ୩୮୫ ଜଣଙ୍କର ମୃତ୍ୟୁ ଘଟିଥିଲା। ଏଥିରେ ୪୬୫ ଜଣ ଆହତ ହୋଇଥିବା ନେଇ ଆଞ୍ଚଳିକ ପରିବହନ ଅଧିକାରୀ ସଞ୍ଜୟ ବିଶ୍ୱାଳ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଦୁର୍ଘଟଣାରେ କକା, ପୁତୁରା ଗୁରୁତର

**ତେଲକୋଇ, ୧୭ା୧(ଡି.ଏନ.ଏ.):** ତେଲକୋଇ ଥାନା ବିମଳା ଛକରେ ଏକ ବାଇକ ଗଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ବାଇକରେ ଥିବା କକା ସୁଦର୍ଶନ ନାୟକ(୩୦) ଓ ପୁତୁରା ଗଦାଧର ନାୟକ (୨୮) ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣାଯିବା ପରେ କେନ୍ଦୁଝର ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଛି ।

### ସ୍ୱାସ୍ଥ୍ୟବିକ ଓ ରକ୍ତ ପରୀକ୍ଷା ଶିବିର

**ଖଇରା, ୧୭ା୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଡୁଙ୍ଗୁରାଠାରେ ଆରୋଗ୍ୟ ଚିକିତ୍ସାକେନ୍ଦ୍ର ପରିସରରେ ମାଗଣା ସ୍ୱାସ୍ଥ୍ୟବିକ ଓ ରକ୍ତ ପରୀକ୍ଷା ଶିବିର ବୁଧବାର ଅନୁଷ୍ଠିତ ହୋଇ ଯାଇଛି। ବାଲେଶ୍ୱରର ସ୍ୱାସ୍ଥ୍ୟ ବିଶେଷଜ୍ଞ ଚିତ୍ତରଞ୍ଜନ କର ଓ ଇଲେକ୍ଟ୍ରୋପାଥି ଡାକ୍ତର ଉପେନ୍ଦ୍ର ପ୍ରସାଦ ଖଟୁଆ ମୋଟ ୭୩ରୋଗୀଙ୍କ ରକ୍ତ ଓ ସ୍ୱାସ୍ଥ୍ୟବିକ ପରୀକ୍ଷା କରିବା ସହ ମାଗଣା ଔଷଧ ପ୍ରଦାନ କରିଥିଲେ। ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନର ସଦସ୍ୟମାନେ ଏଥିରେ ସହାୟତା କରିଥିଲେ।

### ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ



**ଜଳେଶ୍ୱର, ୧୭ା୧(ସ୍ୱ.ପ୍ର.):** ବାଲେଶ୍ୱର ଜିଲାର ଜଳେଶ୍ୱର ପୌର ପରିଷଦ କାର୍ଯ୍ୟାଳୟ ମଧରେ ଶୁକ୍ରବାର ପୂର୍ବାହ୍ନରେ ବିଧାୟକ ଅଶ୍ୱିନୀ କୁମାର ପାତ୍ର ୧୨ ବିଧବା ହିତାଧିକାରୀ ଓ ଜଣେ ଭିନ୍ନକ୍ଷମଙ୍କୁ ୩ ମାସର ଭତ୍ତା ୧୫ଶହ ଟଙ୍କା ପ୍ରଦାନ କରିଛନ୍ତି। ଏହି ଅବସରରେ ବାଲେଶ୍ୱର ଉପଜିଲାପାଳ ତଥା ପୌରପ୍ରଶାସକ ନିଲୁ ମହାପାତ୍ର, କାର୍ଯ୍ୟନିର୍ବାହୀ ଅଧିକାରୀ ଅଜୟ କୁମାର ମହାପାତ୍ର, ପୂର୍ବତନ କାଉନ୍ସିଲର ପ୍ରତାପ କୁମାର ପ୍ରଧାନ ଓ ବିଜୟ କାମିଲା ପ୍ରମୁଖ ଉପସ୍ଥିତ ଥିଲେ।

### ବାଇକ୍ ଧକ୍କାରେ ୨ ଗୁରୁତର

**କେନ୍ଦୁଝର, ୧୭ା୧(ସ୍ୱ.ପ୍ର.):** ବାଇକ୍ ଧକ୍କାରେ ୨ ପଥଚାରୀ ଗୁରୁତର ଆହତ ହେଇଛନ୍ତି। ସେମାନଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ହରିଚନ୍ଦନପୁର ବ୍ଲକ ପଣ୍ଡାପଡ଼ା ଥାନା ଅଧୀନ କମାରନାଳି ଗ୍ରାମର ଯଜାତି ଜୁଆଙ୍ଗ(୨୭) ଓ ବରଧିବ ଜୁଆଙ୍ଗ(୧୯) ଚାଲିଚାଲି ଯାଉଥିଲା ବେଳେ ଗୁରୁବାର ସନ୍ଧ୍ୟାରେ ଆଡ଼କଟା ଛକ ନିକଟରେ ସେହି ଗ୍ରାମର ବାଇକ୍ ଆରୋହୀ ଦୀପକ ଜୁଆଙ୍ଗ(୨୫) ଭାରସ୍ୟାମ ହରାଇ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଉଭୟ ପଡ଼ିଯାଇ ଗୁରୁତର ଆହତ ହୋଇଥିଲେ



ଜିଲାସ୍ତରୀୟ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଉଦ୍‌ଯାପନୀ ସଭାରେ ଉପସ୍ଥିତ ଅତିଥି।

# ଗ୍ରାମାଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ

**ଜିଲାସ୍ତରୀୟ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ**

**ବାଲେଶ୍ୱର ଅଫିସ, ୧୭ା୧**

ବାଲେଶ୍ୱର ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ୩୧ତମ ଜାତୀୟ ସଡକ ସୁରକ୍ଷା ସପ୍ତାହ ଶୁକ୍ରବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଗ୍ରାମାଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେବା ପାଇଁ ଆହ୍ୱାନ ଦେଇଥିଲେ।

ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁବାଷ ନିଆଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଆଞ୍ଚଳିକ ପରିବହନ ଅଧିକାରୀ ବିକାଶ କୁମାର ଚୌଧୁରୀ ସପ୍ତାହବ୍ୟାପୀ କାର୍ଯ୍ୟକ୍ରମରେ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ଅତିଥି ଭାବେ ଉପ ଆରକ୍ଷୀ ଅଧୀକ୍ଷକ ଉମେଶ ପଣ୍ଡା ଟ୍ରାଫିକ ନିୟମ କଡାକଡି ଭାବେ ଲାଗୁ କରିବା ଦିଗରେ ପୋଲିସ ସର୍ବଦା ତତ୍ପରତା ପ୍ରକାଶ କରୁଛି ବୋଲି କହିଥିଲେ। ବିଟିସିସିର ସମ୍ପାଦକ ନରେନ୍ଦ୍ର ବିହାରୀ ଦାସ ଆଗାମୀ ଦିନରେ ସହରରେ ଲାଗିଥିବା ବୈଦ୍ୟୁତିକ ଡିସପ୍ଲେ ବୋର୍ଡରେ ସିଡି ମାଧ୍ୟମରେ ସଚେତନତା କରିବା ଉପରେ ପ୍ରସ୍ତାବ ରଖିଥିଲେ। ସହର ମଧ୍ୟସ୍ଥଳରେ ଥିବା କନଭେଂଟ ସ୍କୁଲରେ ଟ୍ରାଫିକ୍ ଜାମ୍‌କୁ ସୁଧାରିବା ପାଇଁ ପଦକ୍ଷେପ ନେବାକୁ ଅନେକ ସଦସ୍ୟ ଦାବି ଜଣାଇଥିଲେ। ଗଣମାଧ୍ୟମ ତରଫରୁ ମନୋଜ ରାଉଳ ସ୍କୁଲକୁ ଛାତ୍ରଛାତ୍ରୀମାନଙ୍କୁ ନେବା ଆଣିବା କରୁଥିବା ଅଟୋଗୁଡିକରେ ଯେପରି ଓଭରଲୋଡିଂ ନ ହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଚଳିତବର୍ଷ ସଚେତନତା ସପ୍ତାହ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ବାଲେଶ୍ୱର ଟାଉନ ହାଇସ୍କୁଲର ୭ମ ଶ୍ରେଣୀ ଛାତ୍ରୀ ଜୁନିୟର ବର୍ଗର ଚିତ୍ରାଙ୍କନରେ ସାରା ରାଜ୍ୟର ପ୍ରଥମ ହୋଇଥିବା ବେଳେ ସ୍ଲୋଗାନ ପ୍ରତିଯୋଗିତାରେ ସ୍ନେହା ଦାସ ତୃତୀୟ, ସାଧାରଣ ସ୍ଲୋଗାନ ପ୍ରତିଯୋଗିତାରେ ଚିନ୍ମୟୀ ପ୍ରିୟଦର୍ଶିନୀ ଜେନା ତୃତୀୟ ଭାବେ ବିବେଚିତ ହୋଇ ପୁରସ୍କୃତ ହୋଇଥିବାରୁ ସେମାନଙ୍କ ପାଇଁ ଜିଲା ଗୌରବାନ୍ୱିତ ବୋଲି କୁହାଯାଇଥିଲା। ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଆଗାମୀ ସାଧାରଣତନ୍ତ୍ର ଦିବସରେ ପୁରସ୍କୃତ କରାଯିବ। ଯାନବାହାନ ନୀରିକ୍ଷକ ବିଶ୍ୱଜିତ ଦାସ ଧନ୍ୟବାଦ ଦେଇଥିଲେ।

# ପ୍ରଧାନମନ୍ତ୍ରୀଙ୍କ 'ପରୀକ୍ଷା ପର ଚର୍ଚ୍ଚା'ରେ ଅଂଶଗ୍ରହଣ କରିବେ ସ୍ୱସ୍ତିକ

**ରାଇରଙ୍ଗପୁର, ୧୭ା୧(ଡି.ଏନ୍.ଏ.):** ଚଳିତ ଜାନୁୟାରୀ ୨୦ରେ ନୂଆଦିଲ୍ଲୀସ୍ଥିତ ତାଲକୋଟରା ଷ୍ଟାଡିୟମରେ ରାଷ୍ଟ୍ରୀୟ କାର୍ଯ୍ୟକ୍ରମ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ପରୀକ୍ଷା ପର ଚର୍ଚ୍ଚା' କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ନେଇ ସମଗ୍ର ଭାରତରୁ ୨୨ ହଜାର ଛାତ୍ରୀଛାତ୍ରଙ୍କୁ ଚୟନ କରାଯାଇଛି। ଓଡ଼ିଶାର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ମନୋନୀତ ହୋଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ମୟୂରଭଞ୍ଜ ଜିଲା ଉପାନ୍ତ ରାଇରଙ୍ଗପୁର ଅଞ୍ଚଳସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ର ସ୍ୱସ୍ତିକ ଦାସମହାପାତ୍ର ମନୋନୀତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ମନୋନୀତ ହୋଇଥିବା ଛାତ୍ରୀଛାତ୍ରଙ୍କୁ ତାଙ୍କର ପ୍ରସ୍ତୁତ ପ୍ରଶ୍ନପତ୍ରକୁ ପିଏମ୍‌ଓ କାର୍ଯ୍ୟାଳୟକୁ ପଠାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଛାତ୍ରୀଛାତ୍ରଙ୍କୁ ସମ୍ବୋଧିତ କରିବା ସହ ସିଧାସଳଖ ଆଲୋଚନା କରିବେ।ଏହି ପରୀକ୍ଷା ପର ଚର୍ଚ୍ଚା କାର୍ଯ୍ୟକ୍ରମରେ ରାଜ୍ୟରୁ ମନୋନୀତ ଛାତ୍ରୀଛାତ୍ର ତାଙ୍କର ଗସ୍ତ ଏବଂ ରହିବା ଏବଂ ଖାଇବା ସକାଶେ ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ସ୍ୱସ୍ତିକ ଜଣେ ମେଧାବୀ ଛାତ୍ର ଏବଂ ସଙ୍ଗୀତ ପ୍ରତି ତାଙ୍କର ରୁଚି ରହିଛି। ଏ ସମ୍ପର୍କରେ ସ୍ୱସ୍ତିକ କହନ୍ତି ପ୍ରଧାନମନ୍ତ୍ରୀଙ୍କ ପରୀକ୍ଷା ପର ଚର୍ଚ୍ଚା କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କ ସହ ସିଧାସଳଖ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମରେ ମନୋନୀତ ହୋଇଥିବାରୁ ମୁଁ ନିଜକୁ ଗର୍ବିତ ମନେ କରୁଛି। ମାତାପିତା ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଆଶିର୍ବାଦରୁ ଏହି ସଫଳତା ମିଳିଛି। ରାଇରଙ୍ଗପୁର ସବ୍‌ଡିଭିଜନ ଟିରିଂ ବ୍ଲକ୍ ବଡ଼ତାଳିମା ପାର୍ବତୀ ଉଚ୍ଚ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁବଳଦାସ ମହାପାତ୍ର ଏବଂ ହିନ୍ଦୀ ଶିକ୍ଷୟିତ୍ରୀ ସସ୍ମିତା ଦାସ ମହାପାତ୍ରଙ୍କ ପୁତ୍ର ହେଉଛନ୍ତି ସ୍ୱସ୍ତିକ।



ସ୍ୱସ୍ତିକ ଦାସମହାପାତ୍ର

# ଛାତ୍ରୀଛାତ୍ରଙ୍କୁ ପାଣି ବୋତଲ ବଣ୍ଟନ

**ପାଟପୁର, ୧୭ା୧**

ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ବିଦ୍ୟାଳୟରେ ପାଣି ପିଆ ଘଣ୍ଟା ଅଭିଯାନ 'ୱାଟରବେଲ' ଆରମ୍ଭ ହୋଇଛି। ପାଣି ପିଅନ୍ତୁ ସୁସ୍ଥ ରୁହନ୍ତୁ ବାର୍ତ୍ତା ନେଇ ସାନଖେମୁଣ୍ଡି ବ୍ଲକ ପୋଡ଼ମାରି ଚୈତନ୍ୟ ବିଦ୍ୟାପୀଠ ବିଦ୍ୟାଳୟରେ ଶୁକ୍ରବାର ଏକ କାର୍ଯ୍ୟକ୍ରମ ହୋଇଥିଲା। ଏହାକୁ ପାଟପୁର ଥାନାଧିକାରୀ ଅଜୟ କୁମାର ବାରିକ ଉଦ୍‌ଘାଟନ କରି ଛାତ୍ରୀଛାତ୍ରମାନଙ୍କୁ ପାଣି ବୋତଲ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କେଦାର ନାଥ ପାତ୍ର ଅଧକ୍ଷତା କରିଥିଲେ। ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ତିନି ଥର ପାଣି ପିଇବାକୁ ଦିଆଯିବ। ପିଲାମାନେ ବିଦ୍ୟାଳୟରେ ଠିକ ଭାବେ ପାଣି ପିଅନ୍ତି ନାହିଁ। ଏ ସବୁକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ପାଣି ପିଆ ଘଣ୍ଟା ଆରମ୍ଭ ହୋଇଛି। ଥରେ ବ୍ୟବହୃତ ପ୍ଲାଷ୍ଟିକ ବୋତଲ ବ୍ୟବହାରକୁ ବାରଣ କରାଯାଇଛି। ଅଭିଭାବକ ମାନେ ସଚେତନ ହୋଇ ଏ ନେଇ ପଦକ୍ଷେପ ନେବା ଆବଶ୍ୟକ ବୋଲି ବୈଠକରେ କୁହାଯାଇଥିଲା। ଗ୍ରାମ୍ୟ କଲ୍ୟାଣ ସମିତି ସଭାପତି ପ୍ରଭାକର ସାହୁ, ଅବସରପ୍ରାପ୍ତ ଶିକ୍ଷକ ଭାସ୍କର ପାଢ଼ୀ, ସରପଞ୍ଚ ପ୍ରତିନିଧି ସନ୍ତୋଷ ବିଷୋୟୀ, ସାମାଜିକ କର୍ମୀ ଶତ୍ରୁଘନ ଜେନା, ନୃସିଂହ ପାଢ଼ୀ, ଗ୍ରାମବାସୀ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



ଶେରଗଡ଼ରେ ପୋଲିସ ପକ୍ଷରୁ ଲୋକଙ୍କୁ ହେଲମେଟ୍ ପିନ୍ଧିବାକୁ ସଚେତନତା କରାଯାଉଛି।

# ପ୍ରଜାପିତା ବ୍ରହ୍ମାବାବାଙ୍କ ଅବ୍ୟକ୍ତ ସ୍ମୃତି ଦିବସ

**କବିସୂର୍ଯ୍ୟନଗର, ୧୭ା୧**

ସ୍ଥାନୀୟ ପ୍ରଜାପିତା ବ୍ରହ୍ମାକୁମାରୀ ଶାଖା ପକ୍ଷରୁ କବିସୂର୍ଯ୍ୟ ବଳଦେବ କଲ୍ୟାଣମଣ୍ଡପ ଠାରେ ପ୍ରଜାପିତା ବ୍ରହ୍ମାବାବାଙ୍କ ୫୧ତମ ଅବ୍ୟକ୍ତ ସ୍ମୃତିଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, ମୁଖ୍ୟବକ୍ତା ଆସିକା ଶାନ୍ତି ଶକ୍ତି ଭବନ ସଂଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତି, ସମ୍ମାନିତ ଅତିଥି ଅଧାପକ ଯୋଗୀନ୍ଦ୍ର ନାଥ ବୈଦ୍ୟ, ଅଧାପକ ପୀତବାସ ବିଶ୍ୱାଳ ମଞ୍ଚାସୀନ ଅତିଥି ରୂପେ ଯୋଗ ଦେଇଥିଲେ। ସଂଚାଳିକା ରୂପେ ବ୍ରହ୍ମାକୁମାରୀ ନିରୁପ୍ରଭା, ଧନ୍ୟବାଦ ଅର୍ପଣ କରିଥିଲେ ବ୍ରହ୍ମାକୁମାରୀ ସୁଜ୍ଞାନୀ ଓ ସହଯୋଗ କରିଥିଲେ ଭଉଣୀ ଅନୁ। ମୁଖ୍ୟବକ୍ତା ପ୍ରଭାତୀ ପ୍ରଜାପିତାଙ୍କ ତ୍ୟାଗ ଓ ତପସ୍ୟା ବଳରେ ନୂତନ ବିଶ୍ୱ ନିର୍ମାଣ ଉପରେ କହିଥିଲେ।

# କୁକୁଡ଼ା ପାଳନ ତାଲିମ ଶିବିର

**ରେମୁଣା, ୧୭ା୧(ଡି.ଏନ.ଏ.)**

ଓଡ଼ିଶା ଜୀବିକା ମିଶନ ସହଯୋଗରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଦ୍ୱାରା ଜିଲା ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ସଂସ୍ଥା (ଆରସେଟି)ରେ ଚାଲିଥିବା କୁକୁଡ଼ା ପାଳନ ସମ୍ବନ୍ଧୀୟ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାଟନୀ ଦିବସରେ ଜିଲା ମୁଖ୍ୟ ପଶୁ ଚିକିତ୍ସକ ଡାକ୍ତର ନିତ୍ୟାନନ୍ଦ ଦାସ କୁକୁଡ଼ା ପାଳନର ବିଭିନ୍ନ ବିଷୟ ଉପରେ ଶିବିରାର୍ଥୀଙ୍କୁ ବିସ୍ତୃତ ବୁଝାଇଥିଲେ।

# ପୋଲିସ ସହାୟକ କେନ୍ଦ୍ର, ସିସିଟିଭି ଲୋକାର୍ପଣ

**କବିସୂର୍ଯ୍ୟନଗର, ୧୭ା୧**

କବିସୂର୍ଯ୍ୟନଗର ଆମ ପୋଲିସ ସମିତି ତରଫରୁ ବୁଧବାର ସକାଳେ ସଡ଼କ ସୁରକ୍ଷା ସଚେତନ ସଭା, ଶୋଭାଯାତ୍ରା ସହ ସିସିଟିଭି ଓ ପୋଲିସ ସହାୟକ କେନ୍ଦ୍ରର ଲୋକାର୍ପଣ ହୋଇଯାଇଛି। ବୁଢ଼ାମ୍ବଠାରେ ସ୍କୁଲ ଛାତ୍ରୀଛାତ୍ର ବିଭିନ୍ନ ସଚେତନତା ପ୍ଲାକାର୍ଡ ଧରି ସହର ପରିକ୍ରମା କରି ଯାତ୍ରୀଙ୍କୁ ସଚେତନ କରାଇଥିଲେ। ସେହିପରି ବୁଢ଼ାମ୍ବ ବସଷ୍ଟାଣ୍ଡ ଠାରେ ବାଣିଜ୍ୟ ସଂଘ ଆନୁକୂଲ୍ୟରେ ୧୩ଟି ସିସିଟିଭି ଲୋକାର୍ପିତ ହୋଇଥିଲା। ସେହିପରି ବସଷ୍ଟାଣ୍ଡ ଠାରେ ପୋଲିସ ସହାୟକ କେନ୍ଦ୍ର ଗଞ୍ଜାମ ଏସ୍‌ପିଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଛି। ବସଷ୍ଟାଣ୍ଡ ପଡ଼ିଆରେ କବିସୂର୍ଯ୍ୟନଗର ଆଇଆଇସି ପ୍ରଭାତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ସଡ଼କ ସୁରକ୍ଷା ସଚେତନତା ସଭା ଆୟୋଜିତ ହୋଇଥିଲା। ଏଥିରେ ବିଧାୟିକା ଲତିକା ପ୍ରଧାନ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏ, ମୁଖ୍ୟବକ୍ତା ସ୍ଥାନୀୟ ବିଡିଓ ବାସୁଦେବ ନାୟକ, ପୁରୁଷୋତ୍ତମପୁର ଏସ୍‌ଡିପିଓ ସୀମା ସ୍ୱାଇଁ, କବିସୂର୍ଯ୍ୟନଗର ବ୍ଲକ ଅଧ୍ୟକ୍ଷ ସନ୍ତୋଷ କୁମାର ପାଢ଼ୀ ପ୍ରମୁଖ ମଞ୍ଚାସୀନ ଅତିଥି ଥିଲେ।



ଅତିଥିମାନେ 'ବଂଶୀସ୍ୱନ' ପତ୍ରିକାକୁ ଉନ୍ମୋଚନ କରୁଛନ୍ତି।

# ବଂଶୀଧର ପାଠାଗାର ବାର୍ଷିକ ସମାରୋହ

**ରୂପସା, ୧୭ା୧(ଡି.ଏନ.ଏ.)**

ଭାଷା ସାହିତ୍ୟ ସମାଜର ହିତ ସାଧନ କରେ। ଏହାକୁ ଉଜ୍ଜୀବିତ ରଖିବା ସମସ୍ତଙ୍କର ନୈତିକ ଦାୟିତ୍ୱ। ଭାଷା ବଞ୍ଚିଲେ ଜାତିର ଉତ୍ଥାନ ଘଟେ। ବାସ୍ତବରେ ମଣିଷପଣିଆ ହିଁ ଅସଲ ସାହିତ୍ୟ ବୋଲି ବାଲେଶ୍ୱର ଜିଲା ଅଧୀନ ସିଂଲା ବଂଶୀଧର ପାଠାଗାର ଓ ପଠନ କେନ୍ଦ୍ର ବାର୍ଷିକ ସମାରୋହରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସମାରୋହକୁ ଶିକ୍ଷାବିତ୍ ଗଗନ ବିହାରି ଜେନା ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ଼ ବିଜୟ କୁମାର ଶତପଥି, ସମ୍ମାନିତ ଅତିଥି ଭାବେ କବି ପ୍ରଶାନ୍ତ ଦାସ, ଯୋଗାଚାର୍ଯ୍ୟ ବଂଶୀଧର ମିଶ୍ର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଶିକ୍ଷାବିତ୍ ପଦ୍ମଲୋଚନ ପାତ୍ର ଏହି ଉତ୍ସବରେ ପୌରୋହିତ୍ୟ କରିଥିଲେ। ପଠାଗାରର ସଭାପତି ବିଜୟ କୁମାର କର ସ୍ୱାଗତ ଭାଷଣ ଦେଇଥିଲେ। ଅଧାପକ ସୁକାନ୍ତ କୁମାର ଗିରି ଅତିଥିପରିଚୟ, ସମ୍ପାଦକ ବ୍ରଜ ମୋହନ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ବାର୍ଷିକ ପତ୍ରିକା 'ବଂଶୀସ୍ୱନ' , ଅଧାପକ ନିରଞ୍ଜନ ବେହେରାଙ୍କ ରଚିତ ପୁସ୍ତକ 'ପ୍ରିୟା ପାଇଁ ପ୍ରୀତି ଝରି, ଜୟନ୍ତୀ ବେହେରାଙ୍କ 'ଟିକିଲି', ଶାନ୍ତିଲତା ପଣ୍ଡାଙ୍କ 'ଅନ୍ୟ ଏକ ଶକୁନ୍ତଳା' ଉପନ୍ୟାସକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ବହୁ ପ୍ରତିଭା ସମ୍ପନ୍ନ ବ୍ୟକ୍ତିଙ୍କୁ ମାନପତ୍ର ଓ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଡ଼ା. ପ୍ରଦୀପ୍ତ କୁମାର ମିଶ୍ର ଓ ବିଜୟ କୁମାର ନନ୍ଦଙ୍କ ମଞ୍ଚ ସଂଯୋଜନାରେ କବିତା ଦରବାର ଅନୁଷ୍ଠିତ ହୋଇଥିଲା। ଶେଷରେ କର୍ମକର୍ତ୍ତା ଭାଗବତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମୁନି ପଡ଼ିଆରେ ମକର ମେଳା

**ବାହାନଗା, ୧୭ା୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ପଞ୍ଚାୟତର ମଳଙ୍ଗ ଗ୍ରାମର ଥିବା ବାମଝପା ମୁନି ପଡିଆରେ ମକର ମେଳା ଅନୁଷ୍ଠିତ ହୋଉଛି। ଏହି କାର୍ଯ୍ୟକ୍ରମ ଦୀର୍ଘ ୭ ଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ତେବେ ମକରସଂକ୍ରାନ୍ତିଠାରୁ ଅନୁଷ୍ଠିତ ବିଭିନ୍ନ କାର୍ଯ୍ୟକ୍ରମକୁ ଦେଖିବା ପାଇଁ ଶତାଧିକ ଲୋକଙ୍କ ଭିଡ ହେଉଛି। ତେବେ ସଂକ୍ରାନ୍ତି ଦିନ ନିକଟସ୍ଥ ୪ଟି ଗ୍ରାମର ମହିଳା ଓ ବ୍ଲକ ପାଖାପାଖି ୫ଶହ କଳାକାର କଳସ ଶୋଭଯାତ୍ରାରେ ସାମିଲ ହୋଇଥିଲେ। ବାଜିପୁର, ମଳଙ୍ଗ, ଝଳଝଳିଆ, ପାଇକାସ୍ତା ଗ୍ରାମବାସୀଙ୍କ ମିଳିତ ସହଯୋଗରେ ମକର ମେଳା ପାଳନ କରାଯାଉଛି। ଆସନ୍ତା ୧୯ତାରିଖ ଓ ୨୦ତାରିଖ ଦୁଇଦିନ ଧରି ବ୍ଲକ ଲୋକ କଳା ସଂଘ ଓ ବାମଝପା ମୁନି କମିଟି ମିଳିତ ଆନୁକୂଲ୍ୟରେ ବ୍ଲକ କଳାକାରମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ କୃତୀ କଳାକାରମାନଙ୍କୁ ଦକ୍ଷତା ପ୍ରମାଣପତ୍ର ଦେବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମକୁ ବାମଝପା ମୁନିଙ୍କର ମୁଖ୍ୟ ପରିଚାଳକ ଶଙ୍କର୍ଷଣ ସେଠୀଙ୍କ ଆବାହକତ୍ୱରେ ବ୍ଲକ କଳାକାର ସଂଘର ସଭାପତି ରବୀନ୍ଦ୍ର ଧାମୁଡିଆ ଓ ସମ୍ପାଦକ ଗଜେନ୍ଦ୍ର ଯେନାଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ପରିଚାଳନା ହେଉଛି।



ମକରମେଳାରେ କଳସ ଶୋଭଯାତ୍ରା କରାଯାଉଛି।

# ବିଭିନ୍ନ ସ୍ଥାନରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



ବୁଗୁଡା: ଉପସ୍ଥିତ ପୋଲିସ ଅଧିକାରୀ।




ପୁରୁଷୋତ୍ତମପୁର ସଚେତନତା ଶୋଭାଯାତ୍ରା।

**ଖଲ୍ଲିକୋଟ, ୧୭ା୧(ଡି.ଏନ.ଏ.)**

ଖଲ୍ଲିକୋଟ ପୋଲିସ ପକ୍ଷରୁ ୩୧ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଅବସରରେ ସ୍ଥାନୀୟ ବସଷ୍ଟାଣ୍ଡରେ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଇଆଇସି ସତ୍ୟରଞ୍ଜନ ପ୍ରଧାନ ପୌରୋହିତ୍ୟ କରିଥିଲେ। ଗଞ୍ଜାମ ଜିଲା ପରିଷଦ ଅଧକ୍ଷା ସୋନମ ପଲେଇ, ଜିଲା ପରିବହନ ଅଧିକାରୀ ଅକ୍ଷୟ କୁମାର ଜେନା, ଛତ୍ରପୁର ଏସ୍‌ଡିପିଓ ଗୌତମ କିଶାନ ପ୍ରମୁଖ ମଞ୍ଚାସୀନ ଥିଲେ। ସଡ଼କ ଦୁର୍ଘଟଣାର କାରଣ ଓ ତାର ସ୍ଥାୟୀ ସମାଧାନ ବିଷୟରେ ସଚେତନ କରାଯାଇଥିଲା। ପରେ ସଚେତନତା ଶୋଭାଯାତ୍ରା ବସଷ୍ଟାଣ୍ଡରୁ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ବାହାରିଥିଲା।

**ରାମଗିରି:** ରାମଗିରି ଗ୍ରାମପଞ୍ଚାୟତସ୍ଥିତ ମହେନ୍ଦ୍ରଗିରି ମହାବିଦ୍ୟାଳୟ ଓ ରାମଗିରି ଥାନାର ମିଳିତ ଆନୁକୂଲ୍ୟରେ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ ହୋଇଯାଇଛି। ଏହି ଅବସରରେ ଏକ ଶୋଭାଯାତ୍ରା ମହାବିଦ୍ୟାଳୟରୁ ବାହାରି ହାଟପଦା ଦେଇ ଗ୍ରାମପଞ୍ଚାୟତ ପରିକ୍ରମା କରି ପଞ୍ଚାୟତବାସୀଙ୍କୁ ସଚେତନ କରାଯାଇଥିଲା।

**କନିଷି:** ଗୋଳନ୍ଥରା ଥାନା ତରଫରୁ ଗିରିସୋଲା ଗ୍ରାମ ହାଇସ୍କୁଲଠାରେ ଥାନାଧିକାରୀ ବାବୁଲି ନାୟକଙ୍କ ନେତୃତ୍ୱରେ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ପ୍ରଥମେ ଗିରିସୋଲା ଗେଟ ନିକଟରୁ ଏକ ଶୋଭାଯାତ୍ରା ବାହାରି ସୁରଳ ଜଙ୍କସନ ଛକ ଦେଇ ପୁଣି ଗିରିସୋଲା ଗେଟ ନିକଟରେ ଲୋକମାନଙ୍କୁ ସଚେତନ କରି ହେଲମେଟ ପିନ୍ଧିଥିବା ଲୋକଙ୍କୁ ଗୋଲାପ ଫୁଲ ଦେଇ ସଚେତନ କରାଇଥିଲେ।

**ପୋଲସରା:** ପୋଲସରା ଆମ ପୋଲିସ ସମିତି ତରଫରୁ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଥିଲା। ଆଇଆଇସି ଜିତେନ୍ଦ୍ର କୁମାର ମଲିକଙ୍କ ପୌରୋହିତ୍ୟରେ ଆମ ପୋଲିସ ସମିତିର ସଦସ୍ୟ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ଶ୍ରୀକାନ୍ତ ସାହ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରମାନେ ସଡ଼କ ସୁରକ୍ଷା ନେଇ ସଚେତନ କରାଇଥିଲେ।

**କୋଦଳା:** କୋଦଳା ପୋଲିସ ପକ୍ଷରୁ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଏ ନେଇ ଏକ ଶୋଭାଯାତ୍ରା ନଗର ପରିକ୍ରମା କରି ବସ୍‌ଷ୍ଟାଣ୍ଡ ଚାରିଛକ ଠାରେ ଚାଳକଙ୍କୁ ଅଟକାଇ ଗୋଲାପ ଫୁଲ ଓ ମିଠା ଦେଇ ଟ୍ରାଫିକ ନିୟମ ସମ୍ପର୍କରେ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଥାନାଧିକାରୀ ଦେବାଶିଷ ମହାନ୍ତି ସଂଯୋଜନା କରିଥିବା ବେଳେ ମୁଖ୍ୟଅତିଥି ଭାବେ ତହସିଲଦାର ପ୍ରଭାତ କୁମାର ପରିଡା ଯୋଗ ଦେଇଥିଲେ।

**ପୁରୁଷୋତ୍ତମପୁର:** ପୁରୁଷୋତ୍ତମପୁର ପୋଲିସ ପକ୍ଷରୁ ସଡକ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଜମରାଜ, ଜମଦୂତ, ଚିତ୍ରଗୁପ୍ତ ଆଦି ବିଭିନ୍ନ ବେଶରେ ସଜ୍ଜିତ ହୋଇ ରାସ୍ତାରେ ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ନାଟକର ଅଭିନୟ କରିବା ସାଙ୍ଗକୁ ଶୋଭାଯାତ୍ରାରେ ବିଭିନ୍ନ ସ୍ଲୋଗାନ ଦେଇ ଯାନବାହନ ଚାଳକଙ୍କୁ ଅଟକାଇ ଟ୍ରାଫିକ ନିୟମ ସମ୍ପର୍କରେ ବୁଝାଇ ନିଶାସକ୍ତ ଗାଡି ନ ଚଳାଇବାକୁ ସଚେତନ କରିଥିଲେ। ମୁଖ୍ୟଅତିଥି ଭାବେ ତହସିଲଦାର ଅରୁଣ କୁମାର ନାୟକ ଯୋଗ ଦେଇଥିଲେ। ଛାତ୍ରୀଛାତ୍ର, ଅଧାପିକା, ଅଧାପକ, ଆମ ପୋଲିସ ସମିତିର ସଭ୍ୟଙ୍କ ସମେତ ବହୁ ଜନସାଧାରଣ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

**ବୁଗୁଡ଼ା:** ବୁଗୁଡ଼ା ଥାନା ବାଲିପଦରରେ ବୁଧବାର ପୋଲିସ ପ୍ରଶାସନ ତରଫରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭଞ୍ଜନଗର ଏସଡିପିଓ ଶୁଭ୍ରାଂଶୁ ଶେଖର ମିଶ୍ର, ବୁଗୁଡ଼ା ଆଇଆଇସି ଚିତ୍ତରଞ୍ଜନ ବେହେରା, ବାଲିପଦର ଫାଣ୍ଡି ଅଧିକାରୀ ଭଗବାନ ପୂଜାରୀ ଯୋଗଦେଇ ଟ୍ରାଫିକର ବିଭିନ୍ନ ନିୟମ ଉପରେ ବିସ୍ତୃତ ଆଲୋଚନା କରି ଲୋକଙ୍କୁ ସଚେତନ କରାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବାଲିପଦର ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ଜେନା, ସମିତିସଭ୍ୟ ମହେନ୍ଦ୍ର ପ୍ରସାଦ ପଣ୍ଡା, ଏସଆଇ ଯୁଧିଷ୍ଠିର ମହାକୁଡ଼ ଓ ବାଲିପଦରର ପୋଲିସ କର୍ମଚାରୀମାନେ ଉପସ୍ଥିତ ଥିଲେ।

